بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମ୍ପୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 09

ବାର୍ଷିକ ଦେୟ : 600/-

28 ଶାବାନ୍ 1446 ହି.କ, 27 ତବଲିଗ୍ 1404 ହି.ଶ, 27 Feb 2025 ମସିହା

www.akhbarbadr.in

### ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا النَّاسُ اعۡبُدُوۡا رَبَّكُمُ الَّذِىۡ خَلَقَكُمۡ وَالَّذِيۡنَ مِنۡ قَبۡلِكُمۡ لَعَلَّكُمۡ تَتَّقُوۡنَۙ

(ଅଲ୍ ବକ୍ରାହ୍: 22)

**ଅନୁବାଦ:** ହେ ଲୋକମାନେ ! ନିଜ ପାଳନକର୍ତ୍ତାଙ୍କର ଉପାସନା କର ଯେ ତୁମମାନଙ୍କୁ ଓ ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ସୃଷ୍ଟି କରିଛନ୍ତି, ତା' ହେଲେ ତୁମେମାନେ ପ୍ରତ୍ୟେକ ପ୍ରକାରର ବିପଦରୁ ରକ୍ଷା ପାଇବ ।

### ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଅହେମଦିୟତ୍‌ର କେନ୍ଦ୍ର ଅର୍ଥାତ୍ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ 129ତମ ଜଲ୍‌ସା ସାଲାନା ସଫଳତା ଏବଂ କଲ୍ୟାଣପୂର୍ବକ ଅନୁଷ୍ଠିତ ହେଲା ।

ଯେତେବେଳେ ଆମେମାନେ ନ୍ୟାୟ ଦୃଷ୍ଟିରୁ ଦେଖୁ ସେତେବେଳେ ସମସ୍ତ ଅବତାରଦ୍ଧ ସଂପ୍ରଦାୟ ମଧ୍ୟରୁ ସର୍ବୋଚ୍ଚ ସ୍ତରୀୟ ବୀର, ସାହସୀ ଏବଂ ଜୀବନ୍ତ ଅବତାର ଏବଂ ଜୀବନ୍ତ ଈଶ୍ୱରଙ୍କ ପ୍ରିୟାବତାର ରୂପେ କେବଳ ଓ କେବଳ ଜଣେ ବ୍ୟକ୍ତିଙ୍କୁ ହିଁ ଆମେମାନେ ପାଇଥାଉ । ଅର୍ଥାତ୍ ଅବତାରମାନଙ୍କର ଅଧିପତି, ଅବତାରମାନଙ୍କର ମର୍ଯ୍ୟାଦା ଏବଂ ସକଳ ଅବତାରଙ୍କ ଶିରୋମଣି ଏବଂ ଯିଏ ମନୋନୀତ ନବୀ, ସେ ହେଉଛନ୍ତି ହ. ମୁହମ୍ମଦ ସ.ଅ ଅଟନ୍ତି । ସେହି ମହାବତାରଙ୍କ ଅଧୀନ ଅର୍ଥାତ୍ ତାହାଙ୍କ ଆଦେଶ ତଥା ଉପଦେଶାବଳୀ ଓ ତାହାଙ୍କ ଆଜ୍ଞାବହଦ୍ଧ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଦ୍ୱାରା ସେହି ଆଲୋକ ପ୍ରାପ୍ତ ହୋଇଥାଏ ଯାହା ତାହାଙ୍କ ପୂର୍ବେ ସହସ୍ର ବର୍ଷ ପର୍ଯ୍ୟନ୍ତ ପ୍ରାପ୍ତ ହୋଇପାରି ନଥିଲା ।

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦାବି ଏହିକି ଯେ, ଆପଣ ଅ.ସ କୁହନ୍ତି : "ମୁଁ ହେଉଛି ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀ ଯାହାର ଆଗମନ ସଂକ୍ରାନ୍ତରେ ଆଁହଜରତ ସ.ଅ ଭବିଷ୍ୟବାଣୀ କରିଥିଲେ । ବର୍ତ୍ତମାନ ଆକାଶଲୋକରେ ଆଉ କୌଣସି ପ୍ରତିଶୃତ ମସିହ୍ ଆସିବ ନାହିଁ ଓ ନା ହିଁ କୌଣସି ଅଙ୍ଗୀକୃତ ମେହଦୀ ଆବିର୍ଭୂତ ହେବ ।"

ଆଁହଜରତ ସ.ଅ ପ୍ରତିଶୃତ ମସିହ୍ ଅ.ସଙ୍କ ସଂକ୍ରାନ୍ତରେ ଯେଉଁ ଭବିଷ୍ୟବାଣୀ ନିଦର୍ଶନ ରୂପେ ସୂଚନା ପ୍ରଦାନ କରିଥିଲେ ତାହା ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଲା। ଆପଣ ଅ.ସ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ସଂସାରବାସୀଙ୍କୁ ଆମନ୍ତ୍ରିତ କଲେ ଏବଂ ବିଶେଷ ରୂପେ ମୁସଲମାନମାନଙ୍କୁ ଆମନ୍ତ୍ରିତ କରି କହିଲେ, ହେ ମୁସଲମାନମାନେ ! ତୁମେମାନେ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ଅବଲୋକନ (ଦେଖ) କର ଏବଂ ବୁଝିବାକୁ ଚେଷ୍ଟା କର ଯେ, ତହିଁରେ ଅର୍ଥାତ୍ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ସ୍ୱୀକାର କରିବ ଦ୍ୱାରା ସୌଭାଗ୍ୟ ପ୍ରାପ୍ତ ହୋଇଥାଏ ଏବଂ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ଆମେମାନେ ତାହାଙ୍କ ଆଦେଶାବଳୀକୁ ପାଳନ କରିଥାଉ ।

ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଅକାରଣରେ ବିରୋଧରୁ ନିବୃତ୍ତ ତଥା କ୍ଷାନ୍ତ ହୋଇଯାଆନ୍ତୁ, ମୁସଲମାନମାନେ ଉକ୍ତ କଥା ଥରୁଟିଏ ବିଚାର କରନ୍ତୁ ଯେ, କ'ଣ ଅଲ୍ଲାଃତାଲା ସେମାନଙ୍କୁ ପ୍ରଶ୍ନ କରିବେ ନାହିଁ ଯେ, ସେମାନେ ବିନ୍ ଅନୁସନ୍ଧାନ ବା ତଦନ୍ତରେ ବିରୋଧ କଲେ? କାରଣ ଅନେକ ଲୋକମାନେ ଯେଉଁମାନେ ମୌଲବୀ ଅଟନ୍ତି ଏବଂ ନିଜକୁ ମୌଲବୀ ବୋଲାନ୍ତି ସେମାନେ ବିନା ଅନୁସନ୍ଧାନ ବା ତଦନ୍ତରେ ସତ୍ୟବାଦୀର ବିରୋଧ ପ୍ରଦର୍ଶନ କରିଥାଆନ୍ତି । ତେଣୁ ଟିକିଏ ବିଚାର କର । ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

ଅଲ୍ଲାଃତାଲାଙ୍କର ଯେଉଁ ଏକେଶ୍ୱରବାଦକୁ ସଂସାର ଲୋକରେ ସ୍ଥାପିତ କରିବା ନିମନ୍ତେ ଆମମାନଙ୍କ ଠାରୁ ଦାବି କରାଯାଇଛି ସେହି ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଆମେମାନେ ଉଦ୍ୟମ କରିବା ଉଚିତ୍ । ଏହା ହିଁ ପ୍ରଭୁଙ୍କର ପ୍ରକୃତ ଅଧିକାର ତଥା କର୍ତ୍ତବ୍ୟ ନିର୍ବାହ ଅଟେ । ତେଣୁ ରସୁଲୁଲ୍ଲାଃ ସ.ଅଙ୍କ ଧ୍ୱଜା ସଂସାରଲୋକରେ ଫର୍ ଫର୍ ଉଡ଼ାଇବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ରହନ୍ତୁ । ପ୍ରଭୁଙ୍କ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ଯେପର୍ଯ୍ୟନ୍ତ ଉକ୍ତ ଲକ୍ଷ୍ୟକୁ ଆପଣମାନେ ପ୍ରାପ୍ତ କରି ନେଇ ନାହାନ୍ତି ଓ ଯେପର୍ଯ୍ୟନ୍ତ ଆପଣମାନେ ଉକ୍ତ ଉଦ୍ଦେଶ୍ୟକୁ ସାକାର କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ଆପଣମାନେ ଶାନ୍ତିରେ ବସନ୍ତୁ ନାହିଁ । ଉକ୍ତ ଲକ୍ଷ୍ୟ ତଥା ଉକ୍ତ ଅଭିପ୍ରାୟକୁ ପୂର୍ଣ୍ଣ ଏବଂ ଚରିତାର୍ଥ କରିବା ନିମନ୍ତେ ଆମେମାନେ ସମସ୍ତ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ସାମିଲ୍ ହୋଇଛେ ।

କାଦିୟାନ୍‌ର ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ସଦସ୍ୟବୃନ୍ଦଙ୍କୁ ଅଲ୍ଲାଃତାଲା ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ, ପ୍ରକୃତ ରୂପେ ଇସ୍‌ଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଏବଂ ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା ଭାବ ପରିପ୍ରକାଶ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଆପଣମାନେ ନିଜର ବୈଅତ୍‌ର ଅଧିକାରକୁ ଚରିତାର୍ଥକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । ଆପଣମାନେ ସେହି ସମସ୍ତ କଲ୍ୟାଣ ନେଇ ନିଜ ନିଜ ଘରକୁ ଫେରନ୍ତୁ । ଯେଉଁ କଲ୍ୟାଣ ସକାଶେ ଆପଣମାନେ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇଥିଲେ ।

## M.T.A ଇଣ୍ଟରନ୍ୟାସ୍‌ନଲ୍ ମାଧମରେ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବଙ୍କ ଇସ୍‌ଲାମାବାଦ୍ ୟୁ.କେରୁ ଚକ୍ଷୁ ବର୍ଦ୍ଧକ ଉଦ୍‌ଯାପନୀ ଉଦ୍‌ବୋଧନ ।

129ତମ ଜଲ୍‌ସା ସାଲାନା କାଦିୟାନ୍ ଡିସେମ୍ବର ମାସ 27, 28 ,29 ତାରିଖ, 2024 ମସିହାରେ ସଫଳତାପୂର୍ବକ ଆୟୋଜିତ ହୋଇ ସମାପ୍ତ ହେଲା । ତିନି ଦିନ ଧରି ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଂ ହେଲା ଏବଂ ଉକ୍ତ ଲାଇଭ୍ ଷ୍ଟ୍ରିମିଂ ମାଧମରେ ଦେଶ ବିଦେଶର ଦର୍ଶକମାନେ ମଧ ଉପକୃତ ହେଲେ । ଲାଇଭ୍ ଷ୍ଟ୍ରିମିଂ ମାଧମରେ 63,666 ଜଣ ବ୍ୟକ୍ତି ଜଲ୍‌ସାର କାର୍ଯ୍ୟକ୍ରମକୁ ଦେଖିଲେ ଏବଂ ଶୁଣିଲେ । 16000ରୁ ଉର୍ଦ୍ଧ୍ୱ ଅହେମଦିୟତ୍ ପ୍ରେମୀମାନେ ଉକ୍ତ ଜଲ୍‌ସାରେ ଅଂଶ ଗ୍ରହଣ କରିଥିଲେ । 42ଟି ଦେଶରୁ ମହିଳା ଓ ପୁରୁଷମାନେ ଉକ୍ତ ଜଲ୍‌ସାରେ ପ୍ରତିନିଧିତ୍ୱ କରିଥିଲେ । **M.T.A ଇଣ୍ଟରନ୍ୟାସନଲ୍ ମାଧମରେ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବଙ୍କ ଇସ୍‌ଲାମାବାଦ୍ ୟୁ.କେରୁ ଚକ୍ଷୁ ବର୍ଦ୍ଧକ ଉଦ୍‌ଯାପନୀ ଉଦ୍‌ବୋଧନ ।** ଜଲ୍‌ସାର ଉଦ୍‌ଯାପନୀ ଉଦ୍‌ବୋଧନରେ ଜମାଅତ୍ ଅହେମଦିୟା ୟୁ.କେର ସଦସ୍ୟବୃନ୍ଦମାନେ ଏକତ୍ରିତ ହେବା । କେତେକ ଆଫ୍ରିକୀୟ ଦେଶମାନଙ୍କର ଜଲ୍‌ସା ଏବଂ ଉଦ୍‌ଯାପନୀ ଉଦ୍‌ବୋଧନରେ ସେମାନଙ୍କର ଅଂଶ ଗ୍ରହଣ ନମାଜ ତେହଜ୍ଜୁଦ୍ ସହିତ ଶୁଭାରମ୍ଭ କରିଥିଲେ । ରସୁଲ୍, କୁରଆନ୍ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପରିବେଶ ପରିପୂର୍ଣ୍ଣ ହେବା, ବିଦ୍ୱାନ୍‌ମାନଙ୍କର ତାତ୍ତ୍ୱିକପୂର୍ଣ୍ଣ ଭାଷଣ । 9ଟି ଭାଷାରେ କାର୍ଯ୍ୟକ୍ରମର ସିଧାସଳଖ ଅନୁବାଦ । ଜମାଅତ୍ ଅହେମଦିୟାର ଜ୍ଞାନରେ ଅଭିବୃଦ୍ଧିର କାରଣ, ସାଂସ୍କାରିକ ପ୍ରସଙ୍ଗ ଉପରେ ଆଧାରିତ ଡକ୍ୟୁମେଣ୍ଟାରୀ (ପ୍ରମାଣିକ ଚିତ୍ର) ଏବଂ ବିଭିନ୍ନ ସାଧାରଣ ଜ୍ଞାନ ଭିତ୍ତିକ ପ୍ରଦର୍ଶନୀର ଆୟୋଜନ । ନିକାହ୍ ଇତ୍ୟାଦିର ଘୋଷଣା । ମୁଦ୍ରିତ ଗଣମାଧମ ଓ ବୈଦ୍ୟୁତିକ ଗଣମାଧମରେ ଜଲ୍‌ସାର କଭରେଜ, ଶାନ୍ତିପୂର୍ଣ୍ଣ ଏବଂ ସୁଖକର ବାତାବରଣ ମଧରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ନିଷ୍ପନ୍ନ ହେଲା ।

### (ଶେଷ)

### ଜଲସା ମସ୍ତୁରାତ୍ (ମହିଳାମାନଙ୍କର ଜଲସା) ତା- ଡିସେମ୍ବର ମାସ 28 ତାରିଖ 2024 ମସିହା

2024 ମସିହା ଡିସମ୍ବର ମାସ 28 ତାରିଖ ଦିନ ଜଲ୍‌ସା ସାଲାନା କାଦିୟାନ୍‌ର ଦ୍ୱିତୀୟ ଦିନର କାର୍ମଯ୍ୟକ୍ରମ ଶୁଣିବା ବ୍ୟବସ୍ଥା ମସ୍‌ଜିଦ୍ ଦାରୁଲ୍ ଅନ୍‌ୱାର୍ ଠାରେ କରାଯାଇଥିଲା । ସରାଏ ତାହିର୍‌ର ବେସ୍‌ମେଣ୍ଟ ଠାରେ ମଧ ମହିଳାମାନଙ୍କ ନିମନ୍ତେ ଜଲ୍‌ସା ଶୁଣିବାର ବ୍ୟବସ୍ଥା ରହିଥିଲା । ଦ୍ୱିତୀୟ ଅଧିବେଶନରେ ମହିଳାମାନଙ୍କର ନିଜସ୍ୱ ଜଲ୍‌ସା ଅନୁଷ୍ଠିତ ହେଲା ।

ଉକ୍ତ ଜଲ୍‌ସା ଦ୍ୱିପ୍ରହର 2.30 ଘଟିକା ସମୟରେ ମୁନୀର୍ ଅହେମଦ୍ ହାଫିଜାବାଦୀ ସାହେବଙ୍କ ପତ୍ନି ତଥା ପୂର୍ବତନ ସଦର ଲଜ୍‌ନା ଇମାଇଲ୍ଲାଃ କାଦିୟାନ୍‌ଙ୍କ ସମ୍ମାନନୀୟା ନୁସ୍ରତ୍ ବେଗମ୍ ସାହେବାଙ୍କ ଅଧକ୍ଷତାରେ ଆରମ୍ଭ ହେଲା । ସମ୍ମାନନୀୟ ଅମତୁଲ୍ ହାଦି ଶିରିଁ ସାହେବା ତିଲାୱତ୍ କଲେ, ସମ୍ମାନନୀୟା ୱଜିହା ବିଶାରତ୍ ସାହେବ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ଲିଖିତ କବିତା;

"مرے مولیٰ مری یہ اک دعا ہے
تری درگاہ میں عجز و بکا ہے"

ଅତ୍ୟନ୍ତ ସୁମଧୁର କଣ୍ଠରେ ଉପସ୍ଥାପିତ କଲେ। ପ୍ରଥମ ଭାଷଣ ସିକନ୍ଦରାବାଦ୍‌ର ସଦର ଲଜ୍‌ନା ସମ୍ମାନନୀୟା ନଇମା ଆରିଫ୍ ସାହେବା "ଔଲାଦ୍ କି ତର୍ବିୟତ ମେଁ ମାଓଁ କା କିର୍ଦାର୍ ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ କେ ଇର୍ଶାଦାତ କି ରୌଶନୀ ମେଁ" (ସନ୍ତାନମାନଙ୍କର ସଂସ୍କାରରେ ମାଆ ମାନଙ୍କର ଭୁମିକା ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରଦତ୍ତ ଆଦେଶାବଳୀର ପ୍ରକାଶରେ) ବିଷୟ ବସ୍ତୁ ଉପରେ ଭାଷଣ ପ୍ରଦାନ କଲେ । ସେହିପରି ମହୋୟଦୟାଙ୍କ ଭାଷଣ ପରେ ସମ୍ମାନନୀୟା ପଶ୍ଚିମ ବଙ୍ଗର ନସିଫା ଅହେମଦ ସାହେବା ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ଲିଖିତ କବିତା;

"ذکر خدا پہ زور دے ظلمت دل مٹائے جا
گوہر شب چراغ بن دنیا میں جگمگائے جا"

ଅତ୍ୟନ୍ତ ସୁମଧୁର କଣ୍ଠରେ ଉପସ୍ଥାପିତ କଲେ । ଦ୍ୱିତୀୟ ଭାଷଣ "ଇସ୍‌ଲାମୀ ପର୍ଦେ କି ଅହମିୟତ୍ ଓ ବର୍କାତ୍ ସୟେଦିନା ହୁଜୁର ଅନ୍‌ୱର୍ କେ ଇର୍ଶାଦାତ୍ କି ରୌଶନୀ ମେଁ" (ଇସଲାମୀୟ ପରଦାର ମହତ୍ତ୍ୱ ଓ କଲ୍ୟାଣ ସଂକ୍ରାନ୍ତରେ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରଦତ୍ତ ଆଦେଶାବଳୀର ପ୍ରକାଶରେ" ସମ୍ମାନନୀୟା ସଦର ଲଜ୍‌ନା ଇମାଇଲ୍ଲାଃ ଭାରତ ଭାଷଣ ଦେଲେ । ଦୁଆ ସହିତ ଜଲ୍‌ସାର କାର୍ଯ୍ୟକ୍ରମ ସମାପ୍ତ ହେଲା ।

### କାଦିୟାନ୍ ସହିତ ଆଫ୍ରିକୀୟ ରାଷ୍ଟ୍ରମାନଙ୍କର ମଧ ଜଲସା

ଜଲ୍‌ସାର ତୃତୀୟ ଦିନ ପୁଣ୍ୟଶ୍ଳୋକ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଉଦ୍‌ଯାପନୀ ଉଦ୍‌ବୋଧନ ଏବଂ ଦୁଆର ସହିତ ଜଲ୍‌ସା ସାଲାନା କାଦିୟାନ୍ ସମାପ୍ତ ହେଲା। ହୁଜୁର ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନକୁ ଜଲ୍‌ସାରେ ଉପସ୍ଥିତ ଥିବା ଶ୍ରୋତାମଣ୍ଡଳୀମାନେ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କରି ବସିଥାଆନ୍ତି। ଅଲ୍ଲାଃତାଲାଙ୍କ କୃପା ଓ ତାହାଙ୍କ କରୁଣା ହେବା ଦ୍ୱାରା ଦୁଇ ଦିନ ପର୍ଯ୍ୟନ୍ତ ଟୁହାକୁ ଟୁହା ଲାଗି ରହିଥିବା ବର୍ଷା ପରେ ତୃତୀୟ ଦିନ ସୂର୍ଯ୍ୟ ନିଜର ମୁଖକୁ ଅତି ସୁନ୍ଦର ଭବାରେ ଆଲୋକିତ କଲା । ଫଳତଃ ତୃତୀୟ ଦିନ ଜଲ୍‌ସା ସାଲାନର କାର୍ଯ୍ୟକ୍ରମ ବୁସ୍ତାନେ ଅହେମଦ ଅର୍ଥାତ୍ ଜଲ୍‌ସା ଗାହ୍ ଠାରେ ଅନୁଷ୍ଠିତ ହେଲା ଏବଂ ଜଲ୍‌ସାରେ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କ ତୃଷ୍ଣା ନିବାରଣ ହେଲା । **ଅଲ୍‌ହମଦୁଲିଲ୍ଲାଃ ।**

ହୁଜୁର ଅ.ବଙ୍କ ଉଦ୍‌ବୋଧନକୁ ସମସ୍ତ ଲୋକମାନେ ଆଗ୍ରହର ସହକାରେ ଶୁଣିଲେ । ଜଲ୍‌ସା ଗାହ୍ ସଂପୂର୍ଣ୍ଣ ରୂପେ ଭର୍ତ୍ତି ହୋଇ ରହିଥିଲା । ହୁଜୁର ଅନ୍‌ୱର୍ ଅ.ବଙ୍କ ଉଦ୍‌ବୋଧନ ସମୟରେ ଆଫ୍ରିକାର 8ଟି ରାଷ୍ଟ୍ର ଯଥା- ଟୋଗୋ, ମାଲି, ଗିନି କନାକେରୀ, ନେଇଜିରୀୟା, ଗିନି ବସାଓ, ସେନିଗାଲ୍, ବୁର୍କିନାଫାସୋର ଜଲ୍‌ସା ଗାହ୍ ମଧ ଟି.ଭିରେ ପ୍ରସାରିତ ହେଉଥିଲା । ଏହିସବୁ ରାଷ୍ଟ୍ରମାନଙ୍କର ଜଲ୍‌ସା ମଧ କାଦିୟାନ୍‌ର ଜଲ୍‌ସା ସହିତ ସମାପ୍ତ ହେଉଥିଲା ଏବଂ ସେହି ରାଷ୍ଟ୍ରମାନେ ନିଜ ନିଜ ଜଲ୍‌ସା ଗାହରେ ହୁଜୁର ଅ.ବଙ୍କ ଉଦ୍‌ବୋଧନ ଶୁଣୁଥିଲେ। ଉକ୍ତ ଦୃଶ୍ୟଟି ଅତ୍ୟନ୍ତ ଭବ୍ୟ ଓ ବିଶ୍ୱାସବର୍ଦ୍ଧକ ଥିଲା । ହୁଜୁର ପୁର ନୁର୍ ଅ.ବ ନିଜ ଭାଷଣର ଶେଷରେ କହିଲେ, "ବର୍ତ୍ତମାନ କାଦିୟାନ୍ ଜଲ୍‌ସା ସହିତ ପୃଥିବୀର ବିଭିନ୍ନ ରାଷ୍ଟ୍ରମାନଙ୍କ ମଧରେ ଜଲ୍‌ସା ଅନୁଷ୍ଠିତ ହେଉଅଛି । ଜଲ୍‌ସାରେ ଉପସ୍ଥିତ ଥିବା ଶ୍ରୋତାମଣ୍ଡଳୀମାନେ ଏଇଥି ପାଇଁ ଜଲ୍‌ସାରେ ଏକତ୍ରିତ ହୋଇଛନ୍ତି ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବାର୍ତ୍ତାକୁ ହୃଦୟଙ୍ଗମ କରନ୍ତୁ ଏବଂ ପୃଥିବୀର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରିବେ ଓ ନିଜର ତ୍ରୁଟି ସଂଶୋଧନ କରିବା ପ୍ରତି ମଧ ଉଦ୍ୟମ କରିବେ। ଏଥି ନମିତ୍ତେ ଅଲ୍ଲାଃତାଲା ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଯେଉଁ କଲ୍ୟାଣ ନିମନ୍ତେ ସେମାନେ ସମସ୍ତେ କଲ୍ୟାଣ ପ୍ରାପ୍ତ କରି ସ୍ୱଗୃହକୁ ଫେରନ୍ତୁ । **ଆମିନ୍ ।**"

### ଶୋବା ତର୍ବିୟତ୍ (ସଂସ୍କାର ବିଭାଗ)

2024 ମସିହା ଡିସେମ୍ବର ମାସ 24 ତାରିଖ ଠାରୁ 2025 ମସିହା ଜାନୁୟାରୀ ମାସ 1 ତାରିଖ ପର୍ଯ୍ୟନ୍ତ ମସ୍‌ଜିଦେ ଅକ୍‌ସା ଓ ମସ୍‌ଜିଦେ ଅନ୍‌ୱାର୍ ଠାରେ ନମାଜ ତେହଜ୍ଜୁଦ୍ ବାଜମାଅତ୍ ପାଠ କରାଗଲା। ତିନି ଦିନ ଧରି ଜଲ୍‌ସାରେ କାଦିୟାନ୍‌ର ବିଭିନ୍ନ ମସ୍‌ଜିଦ୍‌ମାନଙ୍କରେ ବାଜମାଅତ୍ (ସାମୂହିକ) ନମାଜ ପାଠର ବ୍ୟବସ୍ଥା କରାଯାଇଥିଲା । ସେହିପରି ନୂତନ ବର୍ଷରେ ପଦାର୍ପଣ ହେବା ହେତୁ ଜାନୟାରୀ ମାସ 1 ତାରିଖ ଦିନ କାଦିୟାନ୍‌ର ସମସ୍ତ ମସ୍‌ଜିଦ୍‌ମାନଙ୍କରେ ନମାଜ୍ ତେହଜ୍ଜୁଦ୍ ପାଠ କରାଗଲା । ଉକ୍ତ ଅବସରରେ ଜଲ୍‌ସାରେ ଆଗତ ଅତିଥିମାନେ ମଧ ବିଶେଷ ରୂପେ ଉପକୃତ ହୋଇଥିଲେ । ନମାଜ୍ ତେହଜ୍ଜୁଦ୍ ନିମନ୍ତେ ଶୋବା ତର୍ବିୟତ୍ ପକ୍ଷରୁ ଲୋକମାନଙ୍କୁ ନିଦରୁ ଜାଗ୍ରତ କରିବା ନିମନ୍ତେ ମଧ ବ୍ୟବସ୍ଥା ରହିଥିଲା । ଦୁରୁଦ୍ ଶରୀଫ୍ ଏବଂ ପବିତ୍ର କବିତାବଳୀ ପାଠ କରାଯାଇ ଲୋକମାନଙ୍କୁ ନମାଜେ ତେହଜ୍ଜୁଦ୍ ନିମନ୍ତେ ଜାଗ୍ରତ କରାଗଲା । ନମାଜେ ଫଜର୍ ପରେ ତଫ୍‌ସିର୍ କବିରରୁ ପବିତ୍ର କୁରଆନ୍ କରୀମ୍‌ର ଦରସ୍ ଦିଆଗଲା । କାଦିୟାନ୍‌ର ସମସ୍ତ ମୁହଲ୍ଲା (ସ୍ଥାନ) ଏବଂ ଜଲ୍‌ସା ଗାହ୍ ଠାରେ ତର୍ବିୟତି ବ୍ୟାନର ମଧ ଲଗା ଯାଇଥିଲା ।

### ନିକାହମାନଙ୍କର ଘୋଷଣା

ଜଲ୍‌ସା ଅବସରରେ ଲୋକମାନଙ୍କର ଏହି ଅଭିଳାଷା ବା କାମନା ହୋଇଥାଏ ଯେ, କାଦିୟାନ୍ ଭଳି ପବିତ୍ର ବସ୍ତିରେ ସେମାନଙ୍କ ସନ୍ତାନ ସନ୍ତତିମାନଙ୍କର ନିକାହର ଏଲାନ୍ (ଘୋଷଣା) ହେବା ଉଚିତ୍ । ସୁତରାଂ ଜଲ୍‌ସାର ଦ୍ୱିତୀୟ ଦିନ ନମାଜ ମଗ୍‌ରିବ୍ ଓ ନମାଜ୍ ଇଶା ପରେ ମସ୍‌ଜିଦେ ଅକ୍‌ସା ଠାରେ ନିକାହର ଘୋଷଣା ହେଲା ।

### ଶୋବା ତର୍ଜୁମାନୀ (ଅନୁବାଦ)

ଯେହେତୁ ସହସା ବର୍ଷା ହେବା ଫଳରେ ତାତ୍‌କ୍ଷଣିକ ରୂପେ ସମସ୍ତ ବ୍ୟବସ୍ଥା ମସ୍‌ଜିଦେ ଅକ୍‌ସା ଠାକୁ ସ୍ଥାନାନ୍ତରିତ କରିବାକୁ ପଡ଼ିଲା । ତେଣୁ ପ୍ରଥମ ଦିନ ଅର୍ଥାତ୍ ଡିସେମ୍ବର ମାସ 27 ତାରିଖ ଦିନ କେବଳ 3ଟି ଭାଷାରେ ଯଥା- ମାଲିୟାଲମ୍, ତାମିଲ୍ ଓ ବାଂଲା ଭାଷାରେ କାର୍ଯ୍ୟକ୍ରମ ଏବଂ ଭାଷଣ ଇତ୍ୟାଦିର ଅନୁବାଦ ହେଲା । ଦ୍ୱିତୀୟ ଦିନ ଅର୍ଥାତ୍ ଡିସେମ୍ବର ମାସ 28 ତାରିଖ ଦିନ 4ଟି ଭାଷା ଯଥା -ମାଲିୟାଲମ୍, ତାମିଲ୍ ଓ ବାଂଲା ଭାଷା ବ୍ୟତୀତ ରଷୀୟ ଭାଷାରେ ଜଲ୍‌ସାର କାର୍ଯ୍ୟକ୍ରମ ଏବଂ ଭାଷଣ ଇତ୍ୟାଦିର ଅନୁବାଦ ହେଲା। ତୃତୀୟ ଦିନରେ ନିମ୍ନ ଲିଖିତ 9ଟି ଭାଷାରେ ସିଧା ସଳଖ ଅନୁବାଦର ବ୍ୟବସ୍ଥା ରହିଥିଲା ଯଥା- ଆରବୀ, ରଷୀୟ, ଇଣ୍ଡୋନେସୀୟ, ଇଂରାଜୀ, ମାଲିୟାଲମ୍, ତାମିଲ୍, ତେଲୁଗୁ, ବାଂଲା ଓ କନ୍ନଡ଼ ଭାଷାରେ ପ୍ରାୟ 1250ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷମାନେ ଅନୁବାଦରୁ ଉପକୃତ ହେଲେ । ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ବିଶେଷ କରି ହୁଜୁରେ ଅନ୍‌ୱର୍ ଅ.ବଙ୍କ ଉଦ୍‌ଯାପନୀ ଅଭିଭାଷଣ ଉପରୋକ୍ତରେ ବର୍ଣ୍ଣିତ ଭାଷାରେ ଅନୁବାଦ କରାଗଲା। ମହିଳାମାନେ ମଧ ଜଲ୍‌ସାଗାହ୍‌ର କାର୍ଯ୍ୟକ୍ରମର 9ଟି ଭାଷାରେ ହେଉଥିବା ଅନୁବାଦରୁ ଉପକୃତ ହେଉଥିଲେ । ଚଳିତ ବର୍ଷ ମାଲିୟାଲମ୍, ତାମିଲ୍, ବାଂଲା ଭାଷା ବ୍ୟତୀତ ରଷୀୟ ଭାଷାରେ ମଧ ପ୍ରଥମ ଥର କରି ଲାଇଭ୍ ଷ୍ଟ୍ରିମିଂ ପ୍ରସାରଣ କରାଗଲା । **ଅଲ୍‌ହମ୍‌ଦୁ ଲିଲ୍ଲାଃ ।**

### ଲାଇଭ୍ ଷ୍ଟ୍ରିମିଂ

ଜଲ୍‌ସା ସାଲାନାର **(ଅବଶିଷ୍ଟାଂଶ...ପୃ-12ରେ)**

# (ଖୁତ୍‌ବା ଜୁମା)

ଏକ ପବିତ୍ର ହଦିସ୍ ରହିଛି ଯେ, ଅଲ୍ଲାଃତାଲା କୁହନ୍ତି; "ହେ ଆଦମ୍‌ଙ୍କ ପୁତ୍ର ତୁମ୍ଭେ ନିଜର ନିଧି (ରାଜ କୋଷ) ମୋ ନିକଟରେ ଏକତ୍ରିତ କରି ନିଶ୍ଚିନ୍ତ ହୋଇଯାଅ । ନା ନିଆଁ ଲାଗିବାର ଆଶଙ୍କା ରହିଛି, ନା ପାଣିରେ ବୁଡ଼ିବାର ସମ୍ଭାବନା ରହିଛି ଓ ନା ହିଁ କୌଣସି ଚୋର ଚୋରୀ କରିବାର ଭୟ ରହିଛି ।

ମୋ ପାଖରେ ରଖିଥିବା ନିଧି ମୁଁ ତୁମକୁ ସେଦିନ ଦେବି ଯେଉଁଦିନ ତୁମ୍ଭେ ଏହି ସମସ୍ତ ଜିନିଷର ସବୁଠୁ ବେଶୀ ଆବଶ୍ୟକ ମନେ କରୁଥିବ । ଅର୍ଥାତ୍ ତୁମ୍ଭେ ଅଭାବି ହୋଇଯାଇଥିବ ସେତେବେଳେ ମୁଁ ତୁମ୍ଭକୁ ଉକ୍ତ ସମସ୍ତ ନିଧି ପ୍ରଦାନ କରିଦେବି ।

ଜଣେ ପ୍ରକୃତ ବିଶ୍ୱାସକାରୀ ଯିଏ ଅଲ୍ଲାଃତାତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ସର୍ବଦା ଉଦ୍ୟମରତ, ପୁଣ୍ୟାବଳୀର ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ବିଶ୍ୱାସକାରୀ ସର୍ବଦା ଉଦ୍ୟମ କରିଥାଏ । ଅତଏବ ଯେଉଁ ପୁଣ୍ୟ କର୍ମ ତା'କୁ ଈଶ୍ୱରଙ୍କ ସାମୀପ୍ୟତା କରାଏ ସେହିସବୁ ପୁଣ୍ୟ କର୍ମ ସମ୍ପାଦନ କରିବା ଉଚିତ୍ ।"

"ପ୍ରକୃତ କଥା ଏହିକି ଯେ, ଯେପର୍ଯ୍ୟନ୍ତ ସାମୟିକ କଷ୍ଟ ସହ୍ୟ କରାଯାଇ ନାହିଁ ସେପର୍ଯ୍ୟନ୍ତ ଈଶ୍ୱରଙ୍କ ପ୍ରସନ୍ନତା ଯାହାକି ପ୍ରକୃତ ପ୍ରସନ୍ନତାର କାରଣ ଅଟେ, ତାହା ପ୍ରାପ୍ତ ହୋଇ ପାରିବ ନାହିଁ ।"

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ପ୍ରତ୍ୟେକ ଦିନ ସକାଳ ସମୟରେ ଦୁଇ ଜଣ ଈଶ୍ୱରଦୂତ ଅବତୀର୍ଣ୍ଣ ହୋଇଥାଆନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଏହା କହେ କି ହେ ଅଲ୍ଲାଃ ! ବ୍ୟୟକାରୀ ବଦାନ୍ୟ ବ୍ୟକ୍ତିକୁ ଆହୁରି ପ୍ରଦାନ କର ଏବଂ ତାହାର ପଦାଙ୍କ ଅନୁସରଣକାରୀ ଲୋକ ଆହୁରି ସୃଷ୍ଟି କର । ଦ୍ୱିତୀୟ ଈଶ୍ୱରଦୂତ ଏହା କୁହେ ଯେ, ହେ ଅଲ୍ଲାଃ ! ଧନକୁ ଅଟକାଇ ରଖୁଥିବା କୃପଣ ବ୍ୟକ୍ତିକୁ ତୁମ୍ଭେ ବର୍ବାଦ କରିଦିଅ ଏବଂ ତାହାର ଧନ ସମ୍ପଦକୁ ମଧ ତୁମ୍ଭେ ବର୍ବାଦ କରଦିଅ ।

ଆଁହଜରତ ସ.ଅ ବିଭିନ୍ନ ଅବସରରେ ଆର୍ଥିକ ବଳିଦାନକାରୀଙ୍କ ନିମନ୍ତେ ଲୋକମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ଏହା ହିଁ କହିଥିଲେ ଯେ, ହେ ପ୍ରତିଶୃତ ମସିହ୍ ! ମୁଁ ତୁମ୍ଭକ ଧନ ସମ୍ପଦ ପ୍ରଦାନ କରିବି । ତେଣୁ ଏହି ଅର୍ଥ ବା ଧନ ଅଲ୍ଲାଃତାଲା ହିଁ ପ୍ରଦାନ କରୁଛନ୍ତି ।

ଅଲ୍ଲାଃତାଲା ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ କି ଜମାଅତ୍ ଅହେମଦିୟା ଉକ୍ତ ଧନକୁ ସଠିକ୍ ରୂପେ ବ୍ୟୟ କରିବାକୁ ସର୍ବଦା ସକ୍ଷମ ହେଉ । ଆମିନ୍ । ପ୍ରଭୁଙ୍କ ମାର୍ଗରେ କେବେ ବି କୌଣସି ପ୍ରକାରର ଅନିୟମତିତା ଯେପରି ପରିଲକ୍ଷିତ ନହେଉ ।

ଅଲ୍ଲାଃତାଲାଙ୍କ କୃପାରୁ ୱକ୍‌ଫେ ଜଦିଦ୍‌ର 67ତମ ବର୍ଷ ମଧ୍ୟରେ ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାକୁ 1 କୋଟି 36 ଲକ୍ଷ 81 ହଜାର ପାଉଣ୍ଡ ଆର୍ଥିକ ବଳିଦାନ ଦେବା ନମିନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଉକ୍ତ ଆଦାୟ ଗତ ବର୍ଷ ତୁଳନାରେ 7 ଲକ୍ଷ 36 ହଜାର ପାଉଣ୍ଡ ଅତିରିକ୍ତ ଅଟେ ।

ବଳିଦାନ ଦୃଷ୍ଟିରୁ ବ୍ରିଟେନ୍ ପ୍ରଥମ ସ୍ଥାନରେ ରହିଛି ।

ୱକ୍‌ଫେ ଜଦିଦ୍‌ର 67 ତମ ବର୍ଷ ପରିସମାପ୍ତି ଅବସରରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ବଳିଦାନର ଚର୍ଚ୍ଚା ଓ 68 ତମ ବର୍ଷର ଶୁଭାରମ୍ଭ ତଥା ଘୋଷଣା ।

ବିଭିନ୍ନ ରାଷ୍ଟ୍ରର ନୈଷ୍ଠିକ ଅହେମଦିମାନଙ୍କର ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ଘଟଣାବଳୀର ପ୍ରଭାବଶାଳୀ ବର୍ଣ୍ଣନା ।

ବିଶ୍ୱବ୍ୟାପୀ ଅହେମଦିଙ୍କ ନିମନ୍ତେ, ସଂସାରରେ ବିଗୁଡୁଥିବା ପରିସ୍ଥିତିକୁ ଦୃଷ୍ଟି ରଖି ନିଷ୍ପେଷିତ ଲୋକମାନଙ୍କୁ ଅତ୍ୟାଚାରରୁ ମୁକ୍ତି ପ୍ରଦାନ କରିବା ନିମନ୍ତେ ହୁଜୁର ଅନୱର୍ ଅ.ବଙ୍କ ପକ୍ଷରୁ ଜମାଅତର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ।

03 JANUARY 2025 ମସିହା ଅନୁଯାୟୀ ୦୩ ସୁଲହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشۡهَدُ أَنۡ لَّا إِلٰهَ اِلَّا اللّٰهُ وَحۡدَهٗ لَا شَرِيكَ لَهٗ وَأَشۡهَدُ أَنَّ مُحَمَّدًا عَبۡدُهٗ و رَسُوۡلُهٗ۔
أَمَّا بَعۡدُ فَأَعُوۡذُ بِاللّٰهِ مِنَ الشَّيۡطٰنِ الرَّجِيۡمِ۔ بِسۡمِ اللّٰهِ الرَّحۡمٰنِ الرَّحِيۡمِ۔ اَلۡحَمۡدُ لِلّٰهِ رَبِّ الۡعَالَمِيۡنَ۔ اَلرَّحۡمٰنِ الرَّحِيۡمِ ۔ مٰلِكِ يَوۡمِ الدِّيۡنِ ۔اِيَّا كَ نَعۡبُدُ وَ اِيَّاكَ نَسۡتَعِيۡنُ۔ اِهۡدِنَا الصِّرَاطَ الۡمُسۡتَقِيۡمَ۔صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ۔غَيۡرِالۡمَغۡضُوۡبِ عَلَيۡهِمۡ وَلَاالضَّآلِّيۡنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ ସଂଖ୍ୟା-93ର ଆବୃତ୍ତି କଲେ: لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ وَ مَا تُنۡفِقُوۡا مِنۡ شَیۡءٍ فَاِنَّ اللّٰهَ بِهٖ عَلِيۡمٌ۔ **(ଆଲେ ଇମ୍ରାନ୍: 93)**ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେମାନ ନିଜର ପ୍ରିୟ ବସ୍ତୁରୁ ପ୍ରଭୁଙ୍କ ସକାଶେ ତାହାଙ୍କ ମାର୍ଗରେ ବ୍ୟୟ କରି ନଦେଇଛ ସେପର୍ଯ୍ୟନ୍ତ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବ ନାହିଁ । ସେହିପରି ଯେଉଁ ବସ୍ତୁ ବି ତୁମେମାନେ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରିଥାଅ ପ୍ରଭୁ ତାହାକୁ ଭଲ ଭାବରେ ଜାଣନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାସ୍ତବରେ ପୂର୍ଣ୍ଣ ପୁଣ୍ୟକୁ ସର୍ବୋଚ୍ଚ ପୁଣ୍ୟ ବୋଲି କୁହାଯାଏ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, ଯେପର୍ଯ୍ୟନ୍ତ ତୁମେମାନ ନିଜର ପ୍ରିୟ ବସ୍ତୁରୁ ପ୍ରଭୁଙ୍କ ସକାଶେ ତାହାଙ୍କ ମାର୍ଗରେ ବ୍ୟୟ କରି ନଦେଇଛ ସେପର୍ଯ୍ୟନ୍ତ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରି ପାରିବ ନାହିଁ । ଅତଏବ୍ ଜଣେ ପ୍ରକୃତ ବିଶ୍ୱାସକାରୀ ବ୍ୟକ୍ତିକୁ ସର୍ବଦା ପ୍ରଭୁଙ୍କ ଅନୁଗ୍ରହତା ଓ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଯଦି ବିଶ୍ୱାସକାରୀ ବ୍ୟକ୍ତି ପୁଣ୍ୟାବଳୀର ସେହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କିରଥାଏ ଏବଂ ବିଶ୍ୱାସକାରୀ ବ୍ୟକ୍ତିକୁ ପୁଣ୍ୟାବଳୀ ତଥା ପୁଣ୍ୟ କର୍ମ ସମ୍ପାଦନ କରିବା ଉଚିତ୍ । ଏହି ପୁଣ୍ୟାବଳୀ ଓ ପୁଣ୍ୟ କର୍ମ ହିଁ ବିଶ୍ୱାସକାରୀ ବ୍ୟକ୍ତିକୁ ଈଶ୍ୱରଙ୍କ ସମୀପବର୍ତ୍ତୀ କରାଇଥାଏ ।

ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲାଙ୍କ ସାମୀପ୍ୟତ ପ୍ରାପ୍ତ କରିବା ନିମନ୍ତେ ନାନା ସ୍ଥାନରେ ବିଭିନ୍ନ ଶୈଳୀରେ ବିଶ୍ୱାସକାରୀମାନଙ୍କୁ ଅନୁପ୍ରାଣିତ ଓ ପ୍ରୋତ୍ସାହିତ କରାଯାଇଛି । ବିଭିନ୍ନ ପୁଣ୍ୟାବଳୀର ଚର୍ଚ୍ଚା କରାଯାଇଛି ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ବ୍ୟୟ କରିବାକୁ ମଧ୍ୟ ଏକ ପ୍ରକାରର ପୁଣ୍ୟ ବୋଲି ବିବେଚିତ କରାଯାଇଛି। ଉପରୋକ୍ତ ଆୟତ୍‌ରେ ମଧ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ବ୍ୟୟ କରିବାକୁ ବହୁତ ବଡ଼ ପୁଣ୍ୟ ବୋଲି ବିବେଚିତ କରାଯାଇଛି ଏବଂ ଅଲ୍ଲାଃତାଲା କହିଲେ, ହେ ବିଶ୍ୱାସକାରୀମାନେ ତୁମେମାନେ ଯେଉଁ ବସ୍ତୁକୁ ଭଲ ପାଉଛ ଯଦି ତାହାକୁ ତୁମେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବ ତେବେ ଏହା ବୃହତ୍ ଓ ମହତ୍ ପୁଣ୍ୟ ସାବ୍ୟସ୍ତ ହେବ । ନିଃସନ୍ଦେହ ଅଲ୍ଲାଃତାଲା ପ୍ରତ୍ୟେକ ପୁଣ୍ୟର ପ୍ରତିଫଳ ଅବଶ୍ୟ ପ୍ରଦାନ କରିଥାଆନ୍ତି । ଏହି ପୁଣ୍ୟର ପ୍ରତିଫଳ ଯଦି ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ନିମନ୍ତେ କରାଯାଏ ତେବେ ତାହା ଅଧିକ ଶ୍ରେୟସ୍କର ଅଟେ । କିନ୍ତୁ ଯେହେତୁ ମନୁଷ୍ୟ ନିଜର ଧନକୁ ବେଶୀ ଭଲ ପାଇଥାଏ ତେଣୁ ଏଥି ପ୍ରତି ମଧ ବିଶେଷ ରୂପେ ଆମମାନଙ୍କର ଧ୍ୟାନ ଆକର୍ଷଣ କରାଯାଇଛି । ସୁତରାଂ ବିଶ୍ୱାସ ଓ ପ୍ରକୃତ ପୁଣ୍ୟ ଏବଂ ବଳିଦାନର ସର୍ବୋଚ୍ଚ ସ୍ତରର ଏକ ସ୍ତର ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ନିର୍ଦ୍ଧାରିତ କରିଛନ୍ତି । ଉକ୍ତ ସ୍ତରକୁ ଆପଣମାନେ ପସନ୍ଦ କରନ୍ତି। ଯେପରିକି ଅଲ୍ଲାଃତାଲା କୁହନ୍ତି: ଉକ୍ତ ପ୍ରେମ ଅର୍ଥାତ୍ ଧନ ପ୍ରତି ଥିବା ମୋହ ଏବଂ ଧନକୁ ଭଲ ପାଇବାର ଯେଉଁ ଅଭିଳାଷା ରହିଛି ଏହି ପ୍ରେମ ବ୍ୟତୀତ ଯଦି ପ୍ରଭୁଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ନିମନ୍ତେ ତୁମେ କାମନା କର ତେବେ ତୁମେ ସେହି ବସ୍ତୁ ଅର୍ଥାତ୍ ପ୍ରିୟ ବସ୍ତୁ (ଧନ) ଯାହାକୁ ତୁମେମାନେ ଭଲ ପାଅ ସେହି ଧନକୁ ତୁମେମାନେ ତାହାଙ୍କ ମାର୍ଗରେ ବ୍ୟୟ କରିଦିଅ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏଥି ସଂକ୍ରାନ୍ତରେ ଅନେକ ସ୍ଥାନରେ ବ୍ୟାଖ୍ୟା କରିଛନ୍ତି । ସୁତରାଂ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଧନ ପ୍ରତି ଥିବା ମୋହ (ପ୍ରେମ) ହେବା ଅନୁଚିତ୍ । ଆଜିକାଲିକା ସଂସାରରେ ତ' ବିଶେଷ ରୂପେ ଉକ୍ତ ପ୍ରସଙ୍ଗ ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ତେଣୁ ମନରେ ଧନ ପ୍ରତି ମୋହ ମାୟା ରହିବା ଅନୁଚିତ୍ । ଅଲ୍ଲାଃତାଲା କୁହନ୍ତି: لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେମାନ ନିଜର ପ୍ରିୟ ବସ୍ତୁରୁ ପ୍ରଭୁଙ୍କ ସକାଶେ ଓ ତାହାଙ୍କ ମାର୍ଗରେ ବ୍ୟୟ କରି ନଦେଇଛ ସେପର୍ଯ୍ୟନ୍ତ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରି ପାରିବ ନାହିଁ ।"

ଆଁହଜରତ ସ.ଅଙ୍କ ଯୁଗ ସହିତ ସାଂପ୍ରତିକ ଯୁଗକୁ ଯଦି ତୁଳନା କରାଯାଏ ତେବେ ସାଂପ୍ରତିକ ଯୁଗର ଅବସ୍ଥାକୁ ଦେଖି ମନୁଷ୍ୟ ଦୁଃଖ ବ୍ୟକ୍ତ କରିଥାଏ । କାରଣ ସାଂପ୍ରତିକ ଯୁଗରେ ଜୀବନ ଠାରୁ ମୂଲ୍ୟବାନ ବସ୍ତୁ ଆଉ କିଛି ନୁହେଁ ଏବଂ ସେହି

କାଳରେ ଅର୍ଥାତ୍ ଆଁହଜରତ ସ.ଅଙ୍କ କାଳରେ ଲୋକମାନଙ୍କୁ ନିଜର ପ୍ରାଣର ବଳିଦାନ ଦେବାକୁ ପଡୁଥିଲା । ହୁଜୁର ଅ.ସ କୁହନ୍ତି; "ତୁମମାନଙ୍କ ପରି ସାହାବାମାନଙ୍କର ମଧ୍ୟ ପତ୍ନି ଓ ସନ୍ତାନ ରହିଥିଲେ । ସମସ୍ତଙ୍କୁ ଜୀବନ ଭଲ ଲାଗିଥାଏ । କିନ୍ତୁ ସେମାନେ ସର୍ବଦା ଉକ୍ତ କଥା ପ୍ରତି ଲୋଲୁପ ରହିଥାଆନ୍ତି ଯେ, ସେମାନଙ୍କୁ ଯଦି ସୁଯୋଗ ମିଳିଲା ତେବେ ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରାଣକୁ ଉତ୍ସର୍ଗ କରିଦେବେ ।"

ଆପଣ ଅ.ସ କୁହନ୍ତି: "ନିକୃଷ୍ଟ ଏବଂ ବ୍ୟର୍ଥ ବସ୍ତୁ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ପୁଣ୍ୟ ପ୍ରାପ୍ତ କରିବାର ଦାବି କରି ପାରିବ ନାହିଁ । ପୁଣ୍ୟର ଦ୍ୱାର ଅତ୍ୟନ୍ତ ସଂକୀର୍ଣ୍ଣ ଅଟେ । ଅତଏବ୍ ଉକ୍ତ ପ୍ରସଙ୍ଗକୁ ମସ୍ତିଷ୍କରେ ଆସନ୍ନିତ କରିନିଅ ଯେ, ନିକୃଷ୍ଟ ବସ୍ତୁ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ପୁଣ୍ୟବାନ ଏବଂ ବୈକୁଣ୍ଠ(ଗାମୀ)ରେ ପ୍ରବିଷ୍ଟ ହୋଇ ପାରିବ ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍‌ରେ ସ୍ପଷ୍ଟ ଆୟତ୍ ଉଲ୍ଲିଖିତ ରହିଛି ଯେ, لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ । ଯେପର୍ଯ୍ୟନ୍ତ ପ୍ରିୟରୁ ଅତି ପ୍ରିୟ ବସ୍ତୁକୁ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରାଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ ପ୍ରଭୁଙ୍କ ପ୍ରିୟପାତ୍ର ତଥା ପ୍ରିୟଭାଜନର ମର୍ଯ୍ୟାଦା ପ୍ରାପ୍ତ କରିପାରିବ ନାହିଁ । ତୁମେମାନେ ଯଦି ଦୁଃଖ କଷ୍ଟ ସହ୍ୟ କରିପାରୁ ନାହିଁ ଏବଂ ପ୍ରକୃତ ପୁଣ୍ୟକୁ ଅବଲମ୍ବନ କରିବାକୁ ଚାହୁଁ ନାହଁ ତେବେ ତୁମେମାନେ କିପରି ସାଫଲ୍ୟମଣ୍ଡିତ ଓ କୃତକାର୍ଯ୍ୟ ହୋଇ ପାରିବ ?"

ଆପଣ ଅ.ସ କୁହନ୍ତି: "କ'ଣ ସାହାବାମାନେ ମାଗଣାରେ ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ ? ଅର୍ଥାତ୍ ସାହାବାମାନଙ୍କୁ ଯେଉଁ ସ୍ତର ଓ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ତାହା କ'ଣ ମାଗଣାରେ ସେମାନଙ୍କୁ ମିଳିଗଲା ? ସାଂସାରିକ ମର୍ଯ୍ୟାଦା ଏବଂ ଉପାଧି ପ୍ରାପ୍ତ କରିବାକୁ ହେଲେ କିପରି ଦୁଖ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ । ଏହାପରେ ଯାଇ ସାଧାରଣ ଉପାଧି ପ୍ରାପ୍ତ ହୋଇଥାଏ । ଉକ୍ତ ଉପାଧି ଦ୍ୱାରା ହୃଦୟକୁ ଶାନ୍ତି ଓ ସନ୍ତୁଷ୍ଟି ପ୍ରାପ୍ତ ହୋଇ ପାରିବ ନାହିଁ । ପୁନଶ୍ଚ ବିଚାର କର ଯେ, ଅତ୍ୟୁତ୍ତମ ସାହାବାମାନଙ୍କର ଯେଉଁ ହୃଦୟ ରହିଥିଲା ତାହା ଶାନ୍ତି, ତୃପ୍ତି ଏବଂ ସନ୍ତୁଷ୍ଟି ଓ ପରମେଶ୍ୱରଙ୍କ ପ୍ରସନ୍ନତାର ଜ୍ୱଳନ୍ତ ନିଦର୍ଶନ ଅଟେ । କ'ଣ ସାହାବାମାନଙ୍କୁ ମାଗଣାରେ ଏହିସବୁ (ଉପାଧି) ପ୍ରାପ୍ତ ହୋଇଗଲା ?

ଆପଣ ସ.ଅ କୁହନ୍ତି: "ପ୍ରକୃତ ପ୍ରସଙ୍ଗ ଏହିକି ଯେ, ପରମେଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ଯାହାକି ପ୍ରକୃତ ପ୍ରସନ୍ନତା ଏବଂ ପରମାନନ୍ଦର କାରଣ ଅଟେ ତାହା ସେତେବେଳ ପର୍ଯ୍ୟନ୍ତ ପ୍ରାପ୍ତ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ସାମୟିକ କଷ୍ଟ ସହ୍ୟ କରାଯାଇ ନାହିଁ । ଈଶ୍ୱରଙ୍କୁ ଠକାଯାଇ ପାରିବ ନାହିଁ । ପୁଣ୍ୟବାନ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ଈଶ୍ୱରଙ୍କ ସଦିଚ୍ଛା ଏବଂ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ କରନ୍ତି ନାହିଁ । କାରଣ ସାର୍ବକାଳୀନ ପ୍ରସନ୍ନତା ଏବଂ ସାର୍ବକାଳୀନ ଶାନ୍ତି, ବିଶ୍ରାମର ଆଲୋକ ଏହି ସାମୟିକ କଷ୍ଟ ପରେ ଯାଇବିଶ୍ୱାସକାରୀକୁ ପ୍ରାପ୍ତ ହୋଇଥାଏ ।"

**(ତଫ୍‌ସିର ହ. ମସିହ୍ ମଉଦ୍ ଅ.ସ ଭାଗ-3, ପୃ-177-178)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ସଂସାରରେ ଲୋକମାନେ ଧନକୁ ଅତ୍ୟଧିକ ଭଲ ପାଆନ୍ତି । ଧନ ବା ଅର୍ଥ ସଂକ୍ରାନ୍ତରେ ସ୍ୱପ୍ନ ବିଦ୍ୟାରେ ଏହା ଉଲ୍ଲିଖିତ ହୋଇଛି ଯେ, ଯଦି କୌଣସି ବ୍ୟକ୍ତି ଏହା ଦେଖେ କି ସ୍ୱପ୍ନରେ ସେ ନିଜର ବୃକକ୍ (କିଡ଼ନୀ) କାଢ଼ି ଅନ୍ୟ ବ୍ୟକ୍ତିକୁ ଦେଇ ଦେଇଛି ତେବେ ତହିଁରୁ ଯଥାର୍ଥ ଧନ ବା ଅର୍ଥ ଅଟେ । ଅତଏବ୍ ପ୍ରକୃତ ଧର୍ମପରାୟଣତା ଏବଂ ବିଶ୍ୱାସ ପ୍ରାପ୍ତି ନିମନ୍ତେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି"لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେମାନ ନିଜର ପ୍ରିୟ ବସ୍ତୁରୁ ପ୍ରଭୁଙ୍କ ସକାଶେ ତାହାଙ୍କ ମାର୍ଗରେ ବ୍ୟୟ କରି ନଦେଇଛ ସେପର୍ଯ୍ୟନ୍ତ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରି ପାରିବ ନାହିଁ । କାରଣ ପ୍ରାଣୀ ଜଗତଙ୍କ ପ୍ରତି ସଦୟ ତଥା ସହାନୁଭୂତିମୂଳକ ଆଚରଣ ପ୍ରଦର୍ଶନ କରିବା ଏହା ଧନର ଏକ ଅଂଶକୁ ବ୍ୟୟ କରିବାର ଆବଶ୍ୟକତାକୁ ଦର୍ଶାଇଥାଏ..... ଏବଂ ନିଜ ଜାତିର ଲୋକମାନଙ୍କ ପ୍ରତି ଏବଂ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ପ୍ରାଣୀମାନଙ୍କ ପ୍ରତି ସଦୟ ହେବା ପରି ଏକ ପ୍ରସଙ୍ଗ ଯାହାକି ବିଶ୍ୱାସର ଦ୍ୱିତୀୟ ଅଙ୍ଗ ଅଟେ । ଏହାକୁ ବାଦ୍ ଦେଲେ ବିଶ୍ୱାସ ପୂର୍ଣ୍ଣ ଓ ଚରିତାର୍ଥ ହୋଇ ନଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ବଳିଦାନ ଦେଇ ନାହିଁ ସେପର୍ଯ୍ୟନ୍ତ ସେ କିପରି ଅନ୍ୟମାନଙ୍କୁ ଲାଭ ପହଞ୍ଚାଇ ପାରିବ । ଲାଭ ଓ ଉପକାର ସାଧନ କରିବାକୁ ହେଲେ ବଳିଦାନ ଦେବାକୁ ପଡ଼ିଥାଏ । ଅତଏବ୍ ଅନ୍ୟର ମଙ୍ଗଳ କାମନା ଏବଂ ଉପକାର ସାଧନ କରିବା ଓ ସହାନୁଭୂତି ପ୍ରଦର୍ଶନ ନିମନ୍ତେ ବଳିଦାନ ଏକାନ୍ତ ଅପରିହାର୍ଯ୍ୟ ବସ୍ତୁ । ଅତଏବ୍ ଉକ୍ତ ଆୟତ୍ لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ ରେ ଏହି ବଳିଦାନର ଶିକ୍ଷା ଏବଂ ମାର୍ଗଦର୍ଶନ ପ୍ରଦାନ କରାଯାଇଛି । ସୁତରାଂ ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ ଏବଂ ଧର୍ମପରାୟଣତାମୂଳକ ସ୍ତରର କଷଟି ପଥର ଅଟେ ।" ଆପଣ ଅ.ସ କୁହନ୍ତି: "ହ. ଅବୁ ବକ୍କର ର.ଅଙ୍କ ଜୀବନ ଅଲ୍ଲାଃତାଲାଙ୍କ ନିମନ୍ତେ ଉତ୍ସର୍ଗ ଏବଂ ଉତ୍ସର୍ଗୀକୃତତାର ଏକ କଷଟି ପଥର ଥିଲା । ଯେତେବେଳେ ରସୁଲୁଲ୍ଲାଃ ସ.ଅ କିଛି ଜିନିଷ ଆବଶ୍ୟକ ବୋଲି ମନେକରୁଥିଲେ ଏବଂ ସାହାବାମାନଙ୍କୁ ଯେତେବେଳେ ଆପଣ ସ.ଅ ଉତ୍ସର୍ଗ କରିବା ନିମନ୍ତେ କହୁଥିଲେ ସେତେବେଳେ ହ. ଅବୁ ବକ୍କର ର.ଅ ନିଜର ଘରର ସମସ୍ତ ଆସବାବପତ୍ର ଯଥା ଧନ ସମ୍ପଦ ସବୁ ଆଣି ଆଁହଜରତ ସ.ଅଙ୍କ (ପାଦ ତଳେ ଅଡାଡ଼ି ଦେଉଥିଲେ) ସମ୍ମୁଖରେ ଉପସ୍ଥିତ ହୋଇଗଲେ ।"

**(ମଲଫୁଜାତ୍, ଭାଗ-2, ପୃ-95-96, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ ଉପଦେଶ ଦେଇ କୁହନ୍ତି: "ତୁମେମାନେ ଧନକୁ ଆଦୌ ପ୍ରେମ କର ନାହିଁ । କାରଣ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, لَنۡ تَنَالُوا الۡبِرَّ حَتّٰی تُنۡفِقُوۡا مِمَّا تُحِبُّوۡنَ ଅର୍ଥାତ୍ ତୁମେମାନେ ପ୍ରକୃତ ପୁଣ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ଏବଂ ସେହି ପୂର୍ଣ୍ଣାଙ୍ଗ ପୁଣ୍ୟ ପର୍ଯ୍ୟନ୍ତ ତୁମେମାନେ କଦାପି ପହଞ୍ଚି ପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜର ସେହି ଧନ ଯାହାକୁ ତୁମେମାନେ ସର୍ବାଧିକ ଭଲ ପାଅ ତାହା ବ୍ୟୟ କରି ନଦେଇଛ । "

**(ତଫ୍‌ସିର ହ. ମସିହ୍ ମଉଦ୍ ଅ.ସ ଭାଗ-3, ପୃ-180)**

ଯେପରିକି ମୁଁ ପୂର୍ବେ କହିଲି ଯେ, ବିର୍ ସେହି ପୁଣ୍ୟକୁ କୁହନ୍ତି ଯାହାକି ସର୍ବୋଚ୍ଚ ପ୍ରକାରର ହୋଇଥିବ ଏବଂ ପୂର୍ଣ୍ଣାଙ୍ଗ ପୁଣ୍ୟ ହୋଇଥିବ । ସୁତରାଂ ଏହା ହେଉଛି ସେହି ରହସ୍ୟ ଯାହାକୁ ଆଜି ଜମାଅତ୍ ଅହେମଦିୟାର ସଦସ୍ୟବୃନ୍ଦମାନେ ସଠିକ୍ ରୂପେ ହୃଦୟଙ୍ଗମ କରିଛନ୍ତି ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ସଂସ୍କାରର ହିଁ ଏହା ପରିଣାମ ଓ ପ୍ରଭାବ ଯେ, ଆଜି ପର୍ଯ୍ୟନ୍ତ ଆମେମାନେ ପୁଣ୍ୟାବଳୀର ସେହି ସ୍ତରକୁ ଆମେମାନେ ଅବବଲୋକ କରି ଆସିଛେ । ସେହି ସ୍ତର ଯାହାକୁ ସାହାବାମାନେ ସ୍ଥାପନ କରିଛନ୍ତି ଯାହାକୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଆପଣ ଅ.ସଙ୍କ ନିକଟବର୍ତ୍ତୀ ଥିବା ଲୋକମାନେ ଏବଂ ଆପଣ ଅ.ସଙ୍କ ସାହାବାମାନେ ସ୍ଥାପନ କଲେ । ପୁନଶ୍ଚ ଏତଦ୍‌ପରେ ଖିଲାଫତ କାଳରେ ପ୍ରତ୍ୟେକ କାଳରେ ଆମେମାନେ ଏହି ବଳିଦାନକୁ ଅବଲୋକନ କରି ଆସୁଛେ ଓ ଆଜି ପର୍ଯ୍ୟନ୍ତ ସେହି ବଳିଦାନ ଆମମାନଙ୍କୁ ଦୃଶ୍ୟମାନ ହେଉଛି ।

ଯେତେବେଳେ ଆଁହଜରତ ସ.ଅ ଆର୍ଥିକ ବଳିଦାନ କରିବା ନିମନ୍ତେ ବିଶେଷ ଆହ୍ୱାନ ଜଣାଉଥିଲେ ସେତେବେଳେ ଉକ୍ତ କଥାକୁ ଆପଣ ସ.ଅଙ୍କ ସାହାବାମାନେ ହୃଦୟଙ୍ଗମ କଲେ ଏବଂ ଏହାକୁ ଭଲ ଭାବରେ କାର୍ଯ୍ୟକାରୀ ମଧ୍ୟରେ କଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଇବ୍‌ନେ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ: "ଦୁଇ ଜଣଙ୍କ ବ୍ୟତୀତ ଅନ୍ୟ କାହାରି ଉପରେ ଗର୍ବ କରିବା ଉଚିତ୍ ନୁହଁ । 1- ଜଣେ ହେଉଛି ସେହି ବ୍ୟକ୍ତି ଯାହାକୁ ଅଲ୍ଲାଃତାଲା ଅଜସ୍ର ଧନ ସମ୍ପଦ ପ୍ରଦାନ କଲେ ଏବଂ ସେହି ବ୍ୟକ୍ତି ଉକ୍ତ ଧନକୁ ପ୍ରଭୁଙ୍କର ମାର୍ଗରେ ବ୍ୟୟ କରିଦେଲା । 2- ହେଉଛି ସେହି ବ୍ୟକ୍ତି ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲା, ବୁଦ୍ଧିମତା, ଜ୍ଞାନ ଏବଂ ତତ୍ତ୍ୱଦର୍ଶିତା ପ୍ରଦାନ କଲେ । ଏହି ସବୁ ଗୁଣାବଳୀ ଦ୍ୱାରା ସେହି ବ୍ୟକ୍ତି ଲୋକମାନଙ୍କ ମଧ୍ୟରେ ନ୍ୟାୟ ବିଚାର କରିଥାଏ ଏବଂ ଲୋମାନଙ୍କୁ ଶିକ୍ଷା ପ୍ରଦାନ କରିଥାଏ ।" **(ସହିହୁଲ୍ ବୁଖାରୀ କିତାବୁଲ୍ ଇଲମି, ବାବୁଲ୍ ଇଗତିବାତ୍ ଫିଲ୍ ଇଲମି ୱଲ୍ ହିକମତି, ହଦିସ୍ ନଂ-73)**

ସୁତରାଂ ଏହା ହେଉଛି ସେହି ସ୍ତର ଯେଉଁ ସ୍ତରକୁ ଆଁହଜରତ ସ.ଅ ନିଜର ସାହାବାମାନଙ୍କ ମଧ୍ୟରେ ସ୍ଥାପନ କରିବା ନିମନ୍ତେ ଉପଦେଶ ଦେଇଥିଲେ ଓ ସେହି ସ୍ତର ସ୍ଥାପନ ମଧ୍ୟ ହେଲା । ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ମସ୍‌ଉଦ୍ ଅନ୍‌ସାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଯେତେବେଳେ ସଦକା କରିବା ନିମନ୍ତେ ଆଦେଶ ଦେଉଥିଲେ ସେତେବେଳେ ଆମମାନଙ୍କ ମଧ୍ୟରୁ କେହି ବଜାରକୁ ଯାଉଥିଲା ତ' ଆଉ କେହି ପରିଶ୍ରମ ଓ ମୂଲ ଲାଗୁଥିଲା । ସେହି ମୂଲରୁ ଯେଉଁ ପାରିଶ୍ରମିକ ପ୍ରାପ୍ତ ହେଉଥିଲା କିମ୍ବା ଯେଉଁ ମୁଦ୍ (ମାପକ ଅର୍ଥାତ୍ କି.ଗ୍ରା ତୁଲ୍ୟ) ଶସ୍ୟ ବୀଜ ଆଦି ପ୍ରାପ୍ତ ହେଉଥିଲା ତାହାକୁ ସାହାବାମାନେ ସଦ୍‌କା କରି ଦେଉଥିଲେ । ଉକ୍ତ ଉଦ୍ୟମ ହୋଇଥାଏ ଯେ, ଆମେମାନେ ଉକ୍ତ ଆହ୍ୱାନରେ ଅଂଶ ଗ୍ରହଣ କରିବୁ ଯାହା ଆଁହଜରତ ସ.ଅ କହିଥିଲେ ଏବଂ ରୋଜଗାର କରି ଆହ୍ୱାନରେ ଅଂଶ ଗ୍ରହଣ କରିବୁ । ଏହା ନୁହେଁ ଯେ, କୌଣସି ବ୍ୟକ୍ତି ଠାରୁ ମାଗି ଆଣି ଆହ୍ୱାନରେ ଅଂଶ ଗ୍ରହଣ କରିନେବୁ । ନା ବରଂ ପରିଶ୍ରମ କରି, ନିଜେ ରୋଜଗାର କରି ଉକ୍ତ ଆହ୍ୱାନରେ ଅଂଶ ଗ୍ରହଣ କରିବୁ । ବର୍ଣ୍ଣନାକାରୀ କୁହନ୍ତି ଯେ, ସେହି ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନଙ୍କର ଏହି ଅବସ୍ଥା ମଧ୍ୟ ଥିଲା ଯେ,

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଅଲ୍ଲାଃତାଲା ଏହି ବଳିଦାନ ଯୋଗୁଁ ସେହି ସାହାବାମାନଙ୍କୁ ଏତେ ଉତ୍ତମ ପ୍ରତିଫଳ ପ୍ରଦାନ କଲେ ଯେ, ସେମାନଙ୍କ ନିକଟରେ ଲକ୍ଷ ଲକ୍ଷ ଦିରହମ୍ ମହଜୁଦ୍ ରହିଥିଲା । ଯେଉଁ ସାହାବାମାନେ ମୂଳ ଲାଗି ଚାନ୍ଦା ଦେଉଥିଲେ ସେହି ସାହାବାମାନେ ବର୍ତ୍ତମାନ ଲକ୍ଷ ଲକ୍ଷ ସମ୍ପତ୍ତିର ଅଧିକାରୀ ହୋଇଗଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜକାତ୍, ବାବୁତ୍ ତକୱନ୍ ନାର୍ ୱଲୌ ବିଶିକ୍କି ତମ୍ରତିନ୍, ହଦିସ୍ ନଂ-1416)**

ହୁଜୁର ଅନୱର୍ ଅ.ବ କହିଲେ, ତେବେ ଏ ହେଉଛି ସେହି ବଳିଦାନର କଲ୍ୟାଣ, ଏ ହେଉଛି ସେହି ରହସ୍ୟ ଯାହାକୁ ଆଁହଜରତ ସ.ଅ ଆମମାନଙ୍କୁ ମଧ୍ୟ ଅବଲମ୍ବନ କରିବା ନିମନ୍ତେ ଅନୁପ୍ରାଣିତ କରିଛନ୍ତି । ଏ ହେଉଛି ସେହି ପ୍ରସଙ୍ଗ ଯାହାକୁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଆମମାନଙ୍କୁ ଉପଦେଶ ଦେଇଛନ୍ତି । ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ତୁମେମାନେ ନିଜର ପ୍ରିୟ ଧନକୁ ବ୍ୟୟକର ଏବଂ ସେହି ଧନରୁ ବ୍ୟୟ କର ଯେଉଁ ଧନକୁ ତୁମେମାନେ ସର୍ବାଧିକ ଭଲ ପାଉଛ । ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ଯେତେବେଳେ ସାହାବାମାନଙ୍କୁ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଜଣାଉଥିଲେ ସେତେବେଳେ ସାହାବାମାନେ ନିଜ ଘରକୁ ଆସୁଥିଲେ, ଘରେ ଯାହାକିଛି ବି ରହୁଥିଲା ତାହାକୁ ସେମାନେ ନେଇ ଯାଉଥିଲେ । ସାହାବାମାନେ ଆଁହଜରତ ସ.ଅଙ୍କ ନିକଟରେ ଜିନିଷ ପତ୍ର ନେଇ ଗଦା କରି ଦେଉଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ଜମାଅତ୍‌ର ଆବଶ୍ୟକତାକୁ ପୂର୍ଣ୍ଣ କରିବା ନିମନ୍ତେ ଚାନ୍ଦା ଦେବାର ନିହାତି ଆବଶ୍ୟକତା ରହିଛି, ଅର୍ଥର ଆବଶ୍ୟକତା ରହିଛି, ଜିନିଷ ପତ୍ରର ଆବଶ୍ୟକ ମଧ୍ୟ ପଡ଼ିଥାଏ । ଅବତାରମାନଙ୍କର ସଂପ୍ରଦାୟମାନେ ପ୍ରାରମ୍ଭରୁ ଉକ୍ତ ମର୍ମକୁ ହୃଦୟଙ୍ଗମ କରି ଏବଂ ବ୍ୟକ୍ତିଗତ ରୂପେ ଯେତେଦୂର ସମ୍ଭବପର ହୋଇ ପାରୁଥିଲା ସେତେଦୂର ପର୍ଯ୍ୟନ୍ତ ସେମାନେ ବଳିଦାନ କରିବାକୁ ସକ୍ଷମ ହୋଇ ପାରୁଥିଲେ । ସେମାନେ ବଳିଦାନ ମଧ୍ୟ ଦେଲେ ।

ହୁଜୁର ଅନୱର୍ ଅ.ବ କହିଲେ, ଆର୍ଥିକ ବଳିଦାନ କରିବା ଦ୍ୱାରା କେତେ କୃପାବତୀର୍ଣ୍ଣ ହୋଇଥାଏ ? ଏଥି ସଂକ୍ରାନ୍ତରେ ଏକ ସ୍ଥଳେ ଆଁହଜରତ ସ.ଅ ଉପଦେଶ ଦେଇ କହିଲେ, ଅର୍ଥାତ୍ ଆଁହଜରତ ସ.ଅ ନିଜର ସଂପର୍କୀୟ ଭଉଣୀ ହ. ଅସ୍‌ମାଙ୍କୁ ଉପଦେଶ ଦେଇ କହିଲେ, ହେ ଅସମା ! ତୁମେ ଅଲ୍ଲାଃତାଲାଙ୍କ ମାର୍ଗରେ ଗଣି ଗଣି ଖର୍ଚ୍ଚ କର ନାହିଁ । ଅନ୍ୟଥା ଅଲ୍ଲାଃତାଲା ମଧ୍ୟ ତୁମକୁ ଗଣି ଗଣି ଦେବେ, ନିଜ ଟଙ୍କା ପଇସାର ମୁଣିକୁ ବନ୍ଦ କରି କୃପଣତା ପ୍ରଦର୍ଶନ କର ନାହିଁ ଅନ୍ୟଥା ସେହି ଟଙ୍କା ପଇସାର ମୁଣିକୁ ସବୁବେଳେ ବନ୍ଦ ରଖାଯିବ । ଯେତେଦୂର ସମ୍ଭବ ହୋଇ ପାରୁଛି ଅର୍ଥାତ୍ ଯଥାସମ୍ଭବ ସାମର୍ଥ୍ୟାନୁଯାୟୀ ମୁକ୍ତ ହୃଦୟରେ ଧନକୁ ବ୍ୟୟ କର ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖି ବ୍ୟୟ କରିଚାଲ । ଦେଖିବ ଯେ, ଅଲ୍ଲାଃତାଲା ମଧ୍ୟ ତୁମକୁ ଧନ ପ୍ରଦାନ କରି ଚାଲିବେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜକାତ୍, ବାବୁତ୍ ତହରିଜି ଅଲସ୍ ସଦକତି ୱଶ୍ ଶଫାଅତି ଫିହା, ହଦିସ୍ ନଂ-1433)**

ଏକ ଅବସରରେ ଆଁହଜରତ ସ.ଅ ପୁନଶ୍ଚ କହିଲେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ଦୁଇ ଜଣ ଈଶ୍ୱରଦୂତମାନେ ଧରାପୃଷ୍ଠକୁ ଅବତୀର୍ଣ୍ଣ କରି ଥାଆନ୍ତି । ସେହି ଈଶ୍ୱରଦୂତଙ୍କ ମଧ୍ୟରୁ ଜଣେ ଈଶ୍ୱରଦୂତ ଏହା କହେ କି ହେ ଅଲ୍ଲାଃ ! ତୁମ୍ଭେ ବ୍ୟୟକାରୀ (ଖର୍ଚ୍ଚ କଲାବାଲା ବ୍ୟକ୍ତିକୁ) ବଦାନ୍ୟ ବ୍ୟକ୍ତିକୁ ଆହୁରି ଅର୍ଥ ପ୍ରଦାନ କର । ଅର୍ଥାତ ଅଜସ୍ର କଲ୍ୟାଣ ପ୍ରଦାନ କର ଓ ସେହି ବ୍ୟକ୍ତିର ପଦାଙ୍କ ଅନୁସରଣକାରୀ ବ୍ୟକ୍ତି ସୃଷ୍ଟି କରିଦିଅ । ଦ୍ୱିତୀୟ ଦେବଦୂତ ଏହା କୁହେ କି ହେ ଅଲ୍ଲାଃ ! ଯେଉଁ କୃପଣ ବ୍ୟକ୍ତି ନିଜର ଧନ ବା ଅର୍ଥକୁ ଅଟକାଇ ରଖେ ସେହି ବ୍ୟକ୍ତିର ଧନ ସମ୍ପଦକୁ ତୁମ୍ଭେ ଧ୍ୱଂସ (ନଷ୍ଟ/ବର୍ବାଦ୍) କରିଦିଅ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜକାତ୍, ବାବ୍ କୌଲଲ୍ଲାଃହି ତାଆଲା ଫାଅମ୍ମା ମନ୍ ଆତା........ ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-1442)**

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ରହସ୍ୟ ଆଜି କାଲି ଅହେମଦିମାନଙ୍କୁ ହିଁ ଜଣା । ଅନେକ ଉଦାହରଣ ରହିଛି ଯହିଁରୁ ଅହେମଦିୟତ୍‌ର ଇତିହାସ ଭର୍ତ୍ତି ହୋଇ ରହିଛି । ପ୍ରତ୍ୟେକ ଦିନ ତହିଁରେ ଅଭିବୃଦ୍ଧି ହେଉଛି । ଓଃ ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରୁଥିବା ବଦାନ୍ୟ ବ୍ୟକ୍ତିମାନଙ୍କର କି ମହତ୍ତ୍ୱ ରହିଛି ! ହୁଜୁର ଅନୱର୍ ଅ.ବ କହିଲେ, ଜଣେ ବ୍ୟକ୍ତି ମୋତେ ପତ୍ର ଲେଖିଲା ଯେ, ହୁଜୁର ! ମୋ ନିକଟରେ ସ୍ୱଳ୍ପ ଟଙ୍କା ରହିଥିଲା । ମୁଁ ସେହି ଟଙ୍କାରୁ ବ୍ୟବସାୟ କରିବାକୁ ଚାହୁଁଥିଲି । କୌଣସି ଏକ ଆବଶ୍ୟକୀୟ ବସ୍ତୁ ନେବାର ଥିଲା ମୋତେ । ପରିସ୍ଥିତି ଅତ୍ୟନ୍ତ ପ୍ରତିକୂଳ ରହିଥିଲା । ମୁଁ ବୁଝିପାରୁ ନଥିଲି ଯେ, ମୁଁ (ଏହି) ବ୍ୟବସାୟ କରି ପାରିବି ଅବା ନୁହେଁ ? ମୋ ପିତାଶ୍ରୀ ମୋତେ କହିଲେ, ପୁତ୍ର! ତୁମ ପାଖରେ ଯେତିକ ଟଙ୍କା ରହିଛି ତୁମେ ଉକ୍ତ ଟଙ୍କାକୁ ଚାନ୍ଦାରେ ଦେଇ ଦିଅ, ଅଲ୍ଲାଃତାଲାଙ୍କ ସକାଶେ ଉକ୍ତ ଟଙ୍କାର ତୁମେ ବଳିଦାନ ଦେଇ ଦିଅ । ସୁତରାଂ ମୁଁ ଚାନ୍ଦା ଦେଲି ଏବଂ ଅଲ୍ଲାଃତାଲା ଏପରି ସାଧନ ସୃଷ୍ଟି କରିଦେଲେ ଯେ, ମୋତେ ଏପରି ଏକ ଅର୍ଡ଼ର ପ୍ରାପ୍ତ ହେଲା ଯେ, ସେହି ଅର୍ଡ଼ରରୁ ମୋତେ ଅନେକ ଗୁଣା ଅର୍ଥ ପ୍ରାପ୍ତ ହେଲା । ମୁଁ ପୁଣିଥରେ ବ୍ୟବସାୟ ଅରମ୍ଭ କଲି ଏବଂ ତହିଁରେ ଅଲ୍ଲାଃତାଲା ଏପରି ଅଜସ୍ର କଲ୍ୟାଣ ପ୍ରଦାନ କଲେ ଯେ, ମୋ ନିକଟକୁ ଅସଂଖ୍ୟ ଅର୍ଥ ଆସିବାକୁ ଲାଗିଲା । ହୁଜୁର ଅନୱର୍ ଅ.ବ କହିଲେ, ତେବେ ଏହି ଅଭିଜ୍ଞତା ଅଲ୍ଲାଃତାଲା ସାଂପ୍ରତିକ କାଳରେ ମଧ୍ୟ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଥିବା ଅନୁଗାମୀମାନଙ୍କୁ, ଆପଣ ଅ.ସଙ୍କ ଦାସମାନଙ୍କୁ ସେମାନଙ୍କର ବିଶ୍ୱାସରେ ଅଭିବୃଦ୍ଧି ନିମନ୍ତେ ଦେଖାଇ ଥାଆନ୍ତି ।

ଆଁହଜରତ ସ.ଅ ବିଭିନ୍ନ ଅବସରରେ ଆର୍ଥିକ ବଳିଦାନ କରିବା ନିମନ୍ତେ ଅତ୍ୟଧିକ ଆହ୍ୱାନ ଜଣାଇଛନ୍ତି । ହ. ହସନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଉକ୍ତ ହଦିସ୍ ହେଉଛି ଐଶୀ ସମ୍ବଳିତ ହଦିସ୍ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଠାରୁ ଆପଣ ସ.ଅ ସିଧା ସଳଖ ଶୁଣି ବର୍ଣ୍ଣନା କିରଛନ୍ତି ଯେ, ଅଲ୍ଲାଃତାଲା କୁହନ୍ତି: "ହେ ଆଦମ୍‌ଙ୍କ ପୁତ୍ର ତୁମ୍ଭେ ନିଜର ନିଧି (ରାଜକୋଷ ବା ପାଣ୍ଠି) ମୋ ନିକଟରେ ଏକତ୍ରିତ କରି ନିଶ୍ଚିନ୍ତ ହୋଇଯାଅ । ନା ନିଆଁ ଲାଗିବାର ଆଶଙ୍କା ରହିଛି, ନା ପାଣିରେ ବୁଡ଼ିବାର ସମ୍ଭାବନା ରହିଛି ଓ ନା ହିଁ କୌଣସି ଚୋରର ଚୋରୀ କରିବାର ଭୟ ରହିଛି । ମୋ ପାଖରେ ରଖିଥିବା ନିଧି ମୁଁ ତୁମକୁ ସେଦିନ ଦେବି ଯେଉଁଦିନ ତୁମ୍ଭେ ଏହି ସମସ୍ତ ଜିନିଷ ଆବଶ୍ୟକ ମନେ କରୁଥିବ । ତୁମ୍ଭେ ଯେତେବେଳେ ଅଭାବି ହୋଇଯିବ ସେତେବେଳେ ମୁଁ ତୁମ୍ଭକୁ ଉକ୍ତ ସମସ୍ତ ନିଧି ପ୍ରଦାନ କରିଦେବି। ଅର୍ଥାତ୍ ମୃତ୍ୟୁ ପରବର୍ତ୍ତୀକାଳୀନ ଜୀବନ ଯେତେବେଳେ ମନୁଷ୍ୟକୁ ଜଣା ନଥାଏ ଯେ, ତା' ସହିତ କ'ଣ ହେବ ଏବଂ ତା' ପ୍ରତି କେଉଁ ବ୍ୟବହାର ପ୍ରଦର୍ଶନ କରାଯିବ? ବ୍ୟକ୍ତିକୁ ନିଜର ପୁଣ୍ୟ ସଂପର୍କରେ କିଛି ଜଣା ନଥାଏ ଯେ, ସେ କେତେ ପୁଣ୍ୟ କରିଛି ? ସେତେବେଳେ ଅଲ୍ଲାଃତାଲା କୁହନ୍ତି: "ମୁଁ ତୁମ ବଳିଦାନର ତୁମକୁ ଉତ୍ତମ ପ୍ରତିଫଳ ପ୍ରଦାନ କରିବି । ଏହା ମାଧ୍ୟମରେ ତୁମର କ୍ଷମା ଏବଂ ମୁକ୍ତିର ସାଧନ ମଧ୍ୟ ହୋଇଯିବ ।" **(ଅଲ୍ ଜାମେ ଲିଶାଆବୁଲ୍ ଇମାନ୍ ଲିଲ୍ ବହିକି, ଭାଗ-5, ପୃ-45, ହଦିସ୍-3071, ମକ୍‌ତବତୁର୍ ରୁଶଦି)**

ହୁଜୁର ଅନୱର୍ ଅ.ବ କହିଲେ, ଏ ହେଉଛି ସେହି ବ୍ୟାପାର ଯେଉଁ ବ୍ୟାପାର ଅଲ୍ଲାଃତାଲା ଜଣେ ବିଶ୍ୱାସକାରୀ ବ୍ୟକ୍ତି ସହିତ କରିଥାଆନ୍ତି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳରେ କୁହନ୍ତି: "ମୁଁ ନିଃସନ୍ଦେହ ରୂପେ ଏହା ମନେକରେ ଯେ, ହୃଦୟରେ କୃପଣତା ଏବଂ ବିଶ୍ୱାସ କେବେ ବି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ପାରିବ ନାହିଁ । ଯେଉଁ ବ୍ୟକ୍ତି ସତ୍ୟହୃଦୟରେ ସହିତ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣେ ସେ ନିଜର ଧନକୁ ସେହି ଧନ ବୋଲି ମନେ କରି ନଥାଏ ଯାହା ବାକ୍ସ ମଧ୍ୟରେ ବନ୍ଦ ରହିଛି । ବରଂ ସେହି ବ୍ୟକ୍ତି ଈଶ୍ୱରଙ୍କ ସମସ୍ତ ନିଧି ତଥା ରାଜ କୋଷକୁ ନିଜର ନିଧି ଏବଂ ରାଜକୋଷ ବୋଲି ମନେକରିଥାଏ । ଯେପରି ଆଲୋକ ଦ୍ୱାରା ଅନ୍ଧକାର ଦୂରୀଭୂତ ହୋଇଯାଏ ଠିକ୍ ସେହିପରି ତା' (ବ୍ୟକ୍ତି) ଠାରୁ କୃପଣତା ମଧ୍ୟ ଦୂରୀଭୂତ ହୋଇଯାଇଥାଏ ।"

**(ମଜମୂଆ ଇସ୍ତେହାରାତ୍, ଭାଗ-3, ପୃ-498, ସଂସ୍କରଣ ବର୍ଷ-1989)**

ହୁଜୁର ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଆମ ଜମାଅତ୍ ପକ୍ଷେ ଏହା ଆବଶ୍ୟକ ଯେ, ଜମାଅତ୍ ପ୍ରତ୍ୟେକ ରୂପେ ଉକ୍ତ ସଂପ୍ରଦାୟ (ଜମାଅତ୍ ଅହେମଦିୟା)ର ସେବା କରୁ । ଆର୍ଥିକ ରୂପେ ମଧ୍ୟ ସେବା କରୁ । ତହିଁରେ ତିଳେମାତ୍ର ସେ ଅବହେଳା ପ୍ରଦର୍ଶନ ନକରୁ । ଦେଖ ! ସଂସାରରେ କୌଣସି ସଂପ୍ରଦାୟ ଚାନ୍ଦା ବ୍ୟତୀରେକ ଚାଲି (ପରିଚାଳିତ ହୋଇ) ନଥାଏ । ରସୁଲ୍ କରୀମ୍ ସ.ଅ, ହ. ମୁସା ଅ.ସ, ହ. ଇସା ଅ.ସ ଆଦି ସମସ୍ତ ବାର୍ତ୍ତାବହମାନଙ୍କ ସମୟରେ ଚାନ୍ଦା ଏକତ୍ରିତ କରାଯାଇଥିଲା । ତେଣୁ ଆମ ଜମାଅତ୍‌ର ଲୋକମାନଙ୍କୁ ମଧ୍ୟ ଏଥି ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।"

**(ମଲ୍‌ଫୁଜାତ୍, ଭାଗ-6, ପୃ-39-38, ସଂସ୍କରଣ ବର୍ଷ-1984 ମସିହା)**

ଏଥି ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଉଦାହରଣ ଦେଖି ନିଅନ୍ତୁ ଯେ, ତାହା କିପରିକା ଉଦାହରଣ ଥିଲା । ଆପଣ ର.ଅ କିଭଳି ଭାବରେ ହ. ମସିହ୍ ମଉଦ୍ ଅ.ସଙ୍କ ଆହ୍ୱାନରେ ଲବ୍‌ବୈକ୍ (ଉପସ୍ଥିତ ଅଛି) କହି ଆପଣ ର.ଅଙ୍କ ମିଶନକୁ ସାକାର କରିବା ନିମନ୍ତେ ବଳିଦାନ ଦେଲେ ।

ହ. ମସିହ୍ ମଉଦ୍ ଅ.ସ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି ଯେ, ମୁଁ ଯଦି ସମ୍ମାନନୀୟ ନୁରୁଦ୍ଦୀନ୍ ସାହେବଙ୍କୁ ଅନୁମତି ଦେଇ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଥାଆନ୍ତି ତେବେ ସବୁକିଛି ଈଶ୍ୱରଙ୍କ ମାର୍ଗରେ ବ୍ୟୟ କରିଦେଇ ନିଜର ଆଧ୍ୟାତ୍ମିକତା ବନ୍ଧୁତ୍ୱ ପରି ଆଧ୍ୟାତ୍ମିକ ବନ୍ଧୁତ୍ୱ ଏବଂ ସର୍ବଦା ମୋ ସାହଚର୍ଯ୍ୟତ୍ୱରେ ରହିବାର ଅଧିକାରକୁ ସମ୍ପାଦନ କରିଦେଇ ଥାଆନ୍ତେ ।

ଆପଣ ଅ.ସ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ସମ୍ମାନନୀୟ ନୁରୁଦ୍ଦୀନ୍ ସାହେବଙ୍କ କେତେକ ପତ୍ରର କିଛି ପଂକ୍ତିକୁ ଉଦାହରଣ ସ୍ୱରୂପ ଦର୍ଶକ(ପାଠକମଣ୍ଡଳୀ)ମାନଙ୍କୁ ମୁଁ ଦେଖାଇ ଦେଉଛି । ହ. ଖଲିଫତୁଲ୍ ମସିହ ଅୱଲ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କୁ ପତ୍ର ଲେଖିଲେ ଯେ, ହୁଜୁର ! ମୁଁ ଆପଣ ଅ.ସଙ୍କ ମାର୍ଗରେ ନିଜକୁ ଉତ୍ସର୍ଗ ଏବଂ ସମର୍ପିତ କରି ଦେଉଛି । ମୋର ଯାହା କିଛି ରହିଛି ତାହା ମୋର ନୁହେଁ ବରଂ ଆପଣଙ୍କର ଅଟେ....ମହୋଦୟ ! ମୋ ଗୁରୁ ତଥା ମୋର ମାର୍ଗଦର୍ଶକ ! ମୁଁ ପୂର୍ଣ୍ଣ ସତ୍ୟତାର ସହିତ କହୁଛି ଯେ, ମୋର ସମସ୍ତ ଧନ ଏବଂ ସମ୍ପତ୍ତି ଯଦି ଧାର୍ମିକ ପ୍ରକାଶନରେ ବ୍ୟୟ ହୋଇଯାଏ ତେବେ ମୋ ଜୀବନ ସାର୍ଥକ ହୋଇଗଲା ଏବଂ ମୁଁ ସାଫଲ୍ୟମଣ୍ଡିତ ହୋଇଗଲି । ବରାହିନେ ଅହେମଦିୟା ପୁସ୍ତକର କ୍ରେତାମାନଙ୍କ ମନରେ ପୁସ୍ତକ ପ୍ରକାଶନ ଅଟକିଯିବ ବୋଲି ମନରେ ଛନକା ସୃଷ୍ଟି ହୁଏ । ଅର୍ଥାତ୍ କ୍ରେତାଭାବ ହେତୁ କିମ୍ବା ଟଙ୍କା ନଦେବା ଯୋଗୁଁ ପୁସ୍ତକ ପ୍ରକାଶନରେ କୌଣସି ବ୍ୟତୀକ୍ରମ ଦେଖା ଦିଏ ତେବେ ସେପରିପ୍ରେକ୍ଷୀରେ ମହୋଦୟ (ଅର୍ଥାତ୍ ଖଲିଫା ଅୱଲ୍ ର.ଅ ମସିହ୍ ମଉଦ୍ ଅ.ସଙ୍କୁ ଏକଥା କହୁଛନ୍ତି) ! ଆପଣ ମୋତେ ଅନୁମତି ପ୍ରଦାନ କରନ୍ତୁ କି ଏହି ବିନୀତ ଆପଣଙ୍କୁ ସାହାଯ୍ୟ କରିବା ଓ ଆପଣଙ୍କର ସେବା କରିବ । ଅର୍ଥାତ୍ ଏହି ବିନୀତ ସେହି ସମସ୍ତ କ୍ରେତାମାନଙ୍କତର ମୂଲ୍ୟ ପୈଠ କରି ସେମାନଙ୍କର ପଇସା ଫେରସ୍ତ କରିଦେବ । ପୁସ୍ତକ ବିକ୍ରି ହେବା ପରେ ଯେଉଁ ଆୟ ପ୍ରାପ୍ତ ହେବ ତାହାକୁ ମଧ୍ୟ ଏହି ବୀନୀତ (ଖଲିଫା ଅୱଲ୍ ର.ଅ) ଫେରସ୍ତ କରିଦେବ। ଆପଣ ର.ଅ ଅତ୍ୟନ୍ତ ବେଦନାପୂର୍ଣ୍ଣ ତଥା ବ୍ୟଥିତ କଣ୍ଠରେ କହିଲେ, ".....ଏହା ମୋର ସୌଭାଗ୍ୟ ଅଟେ । "କେବଳ ସୌଭାଗ୍ୟ ନୁହେଁ ବରଂ ଆପଣ ର.ଅ କହିଲେ, "ଏହା ମୋର ଉଦ୍ଦେଶ୍ୟ (ପୁସ୍ତକ ପ୍ରକାଶନ ଖର୍ଚ୍ଚ ମୁଁ ବହନ କରିବି ଓ କ୍ରେତାମାନଙ୍କର ମୁଁ ଟଙ୍କା ପଇସା ଫେରସ୍ତ କରିଦେବି) । ଆପଣ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କୁ ଏକଥା କହିଲେ, ହୁଜୁର ! ମୋର ଏହି ଉଦ୍ଦେଶ୍ୟ ତଥା ଆକାଂକ୍ଷା ରହିଛି ଯେ, ବରାହିନେ ଅହେମଦିୟା ପ୍ରକାଶନର ସମସ୍ତ ଖର୍ଚ୍ଚ ମୋ ଉପରେ ନ୍ୟସ୍ତ କରି ଦିଆଯାଉ ।" **(ଫତହ୍ ଇସଲାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-35-36)**

ଯେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ର.ଅ ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଆହ୍ୱାନ ଦେଲେ ସେତେବେଳେ ଅସଂଖ୍ୟ ଲୋକମାନେ, ଗରିବ ଲୋକମାନେ ସ୍ୱଳ୍ପ ଆକାରରେ ଅର୍ଥ ଆଣି ଚାନ୍ଦାରେ ଦେବା ଆରମ୍ଭ କଲେ । କେହି କୁକୁଡ଼ା ଆଣିଲା ତ' କେହି କୁକୁଡ଼ା ଅଣ୍ଡା ନେଇ ଆସିଲା ଏବଂ ଆଉ କେହି କହିଲା, ଆମ ନିକଟରେ ଯାହାକିଛି ରହିଥିଲା ତାହା ଆମେମାନେ ଉପସ୍ଥାପିତ କରିଦେଲୁ। ସେହି କାଳରେ ମଧ୍ୟ ଯେଉଁଠି ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଅଭାବି ଏବଂ ଦରିଦ୍ର ଲୋକମାନଙ୍କର ଉଦହାରଣ ଉପସ୍ଥାପିତ କରୁଥିଲେ ସେଠାରେ କେତେକ ପୁରାତନ ବରିଷ୍ଠ ବ୍ୟକ୍ତିମାନଙ୍କର ଉଦାହରଣ ମଧ୍ୟ ଉପସ୍ଥାପନ କରୁଥିଲେ ।

ଏଥି ସଂକ୍ରାନ୍ତରେ ଆପଣ ର.ଅ ହ. ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କର ଉଦାହରଣ ମଧ୍ୟ ଉପସ୍ଥାପିତ କିରଛନ୍ତି । ହ. ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବ ହ. ଖଲିଫା ସାନି ର.ଅଙ୍କ ପ୍ରଥମ ପତ୍ନି ଅର୍ଥାତ୍ ଉମ୍ମେ ନାସିର ର.ଅଙ୍କ ପିତାଶ୍ରୀ ଥିଲେ । ଏହିପରି ଦେଖିବାକୁ ଗଲେ ହ. ଖଲିଫା ରଶିଦୁଦ୍ଦୀନ୍ ସାହେବ ର.ଅ ହ. ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ ଖଲିଫା ମିର୍ଜା ନାସିର୍ ଅହେମଦ ର.ଅଙ୍କ) ନନା (ଅଜା) ଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ସେ ଅର୍ଥାତ୍ ହ. ଖଲିଫା ରଶିଦୁଦ୍ଦୀନ୍ ସାହେବ ର.ଅ ଜଣେ ବନ୍ଧୁଙ୍କ ଠାରୁ ହ. ମସିହ୍ ମଉଦ୍ ଅ.ସଙ୍କ ଦାବି ସଂପର୍କରେ ଶୁଣିଲେ ସେତେବେଳେ ଆପଣ ଉକ୍ତ କଥା ଶୁଣି କହିଲେ, "ଏତେ ବଡ଼ ଦାବିକାରୀ ବ୍ୟକ୍ତି ଆଦୌ ମିଥ୍ୟାବାଦୀ ହୋଇପାରିବ ନାହିଁ । "ମୋତେ ଆଉ କୌଣସି ପ୍ରମାଣର ଆବଶ୍ୟକତା ନାହିଁ । ଅର୍ଥାତ୍ ଉକ୍ତ ଦାବିଟି ଏତେ ବଡ଼ ଦାବି ଯେ, ମୋତେ କୌଣସି ପ୍ରମାଣ ସଂପର୍କରେ ଶୁଣିବାର ଆବଶ୍ୟକତା ନାହିଁ । ମୁଁ ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀଙ୍କୁ ପ୍ରତିଶୃତ ମସିହ୍ ରୂପେ ସ୍ୱୀକାର କରୁଛି ।" ଏତଦ୍‌ପରେ ଆପଣ ର.ଅ ଯଥାଶୀଘ୍ର ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ (ଦୀକ୍ଷା) ଗ୍ରହଣ କରିନେଲେ । ହ. ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକରେ ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କର ନାମୋଲ୍ଲେଖ କରଛନ୍ତି ଏବଂ ଖଲିଫା ରଶିଦୁଦ୍ଦୀନ୍ ସାହେବ ର.ଅଙ୍କୁ 12 ଜଣ ହୱାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କର ଆର୍ଥିକ ବଳିଦାନ ଏତେ ବୃଦ୍ଧି ପାଇଥିଲା ଯେ, ହ. ମସିହ୍ ମଉଦ୍ ଅ.ସ ତାଙ୍କୁ ଲିଖିତ ସନନ୍ଦ (ପ୍ରମାଣପତ୍ର) ପ୍ରଦାନ କଲେ । ଆପଣ ଅ.ସ କହିଲେ, ମହୋଦୟ (ଅର୍ଥାତ୍ ଖଲିଫା ରଶିଦୁଦ୍ଦୀନ୍ ସାହେବ ର.ଅ) ! ଆପଣ ଉକ୍ତ ସଂପ୍ରଦାୟ ନିମନ୍ତେ ଏଭଳି ବଳିଦାନ ଦେଇଛନ୍ତି ଯେ, ଭବିଷ୍ୟତରେ ଆପଣଙ୍କୁ ଆଉ କୌଣସି ବଳିଦାନ ଦେବାର ଆବଶ୍ୟକତା ନାହିଁ । ଅର୍ଥାତ୍ ହ. ଖଲିଫା ରଶିଦୁଦ୍ଦୀନ୍ ସାହେବ ବଳିଦାନ ଦେଇ ଚାଲିଥିଲେ । କିନ୍ତୁ ହ. ମସିହ୍ ମଉଦ୍ ଅ.ସ ଏହିପରି ପ୍ରସନ୍ନତାରେ ପରିପ୍ରକାଶ ବ୍ୟକ୍ତ କଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି: "ମୋତେ ହ. ମସିହ୍ ମଉଦ୍ ଅ.ସଙ୍କ ସେହି କାଳର କଥା ସ୍ମରଣ ଅଛି ଯେ, ଆପଣ ଅ.ସଙ୍କ ଉପରେ ଯେତେବେଳେ ଗୁରଦାସ୍‌ପୁର ଠାରେ ମିଥ୍ୟା ମାଲି ମକଦ୍ଦମା ଚାଲିଥିଲା । ଉକ୍ତ ମକଦ୍ଦମାରେ ଟଙ୍କାର ଆବଶ୍ୟକତା ପଡ଼ିଲା । ଆପଣ ଅ.ସ ବନ୍ଧୁମାନଙ୍କୁ ଆହ୍ୱନ ଦେଲେ ଯେ, ହେ ବନ୍ଧୁମାନେ ! ଯେହେତୁ ଖର୍ଚ୍ଚ ବୃଦ୍ଧି ପାଉଛି । ଲଙ୍ଗର ଖାନା ଦୁଇଟି ସ୍ଥାନରେ ଚାଲିଛି। ଗୋଟିଏ କାଦିୟାନ୍‌ରେ ଏବଂ ଆଉ ଗୋଟିଏ ଏଠାରେ ଅର୍ଥାତ୍ ଗୁରଦାସ୍‌ପୁର ଠାରେ ଚାଲିଛି । ଏତଦ୍‌ଭିନ୍ନ ମକଦ୍ଦମାରେ ମଧ୍ୟ ଟଙ୍କା ଖର୍ଚ୍ଚ ହେଉଛି । ତେଣୁ ମୋର ପ୍ରିୟ ବନ୍ଧୁମାନେ ମୋତେ ସାହାଯ୍ୟ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ଅର୍ଥାତ୍ ଖର୍ଚ୍ଚ ନିମନ୍ତେ ଚାନ୍ଦା ଦିଅନ୍ତୁ । ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କ ତେହ୍‌ରିକ୍ (ଆହ୍ୱାନ) ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କ ପର୍ଯ୍ୟନ୍ତ ପହଞ୍ଚିଲା ସେତେବେଳେ ଦୈବାତ୍ ଏପରି ଏକ ଘଟଣା ଘଟିଲା ଯେ, ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କୁ ମାସିକ ଯେଉଁ 450 ଟଙ୍କା ବେତନ ମିଳୁଥିଲା (ଉକ୍ତ ବେତନ ବା ଦରମା ସେହି କାଳରେ ବହୁତ ବଡ଼ ମୂଲ୍ୟ ଥିଲା) ସେହି ସମସ୍ତ ବେତନ ଟଙ୍କା ଖଲିଫା ରଶିଦୁଦ୍ଦୀନ୍ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ପ୍ରେରଣ କରିଦେଲେ । ଜଣେ ବନ୍ଧୁ ଡାକ୍ତର ସାହେବଙ୍କୁ ପ୍ରଶ୍ନ କଲା ଯେ, ମହୋଦୟ ! ଆପଣ ଘରର ଆବଶ୍ୟକତା ନିମନ୍ତେ କିଛି ଟଙ୍କା ରଖି ନେଉ ନାହାନ୍ତି ? ପ୍ରତ୍ୟୁତ୍ତରରେ ଡ଼ାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବ କହିଲେ, "ଈଶ୍ୱରଙ୍କ ପ୍ରତିଶୃତ ମସିହ୍ ଯେତେବେଳେ ଲେଖୁଛନ୍ତି ଯେ, ତାଙ୍କୁ ଧର୍ମ କାର୍ଯ୍ୟ ନିମନ୍ତେ ଅର୍ଥର ଆବଶ୍ୟକତା ରହିଛି ତେବେ ମୁଁ ଆଉ କେଉଁ ଆବଶ୍ୟକତା ନିମନ୍ତେ ଏହି ଟଙ୍କା ରଖି ପାରିବି ? ଅତଏବ୍ ଡାକ୍ତର ସାହେବ ତ' ଧର୍ମ କାର୍ଯ୍ୟ ନିମନ୍ତେ ବଳିଦାନରେ ଏତେ ଆଗେଇ ଯାଇଥିଲେ ଯେ, ହ. ମସିହ୍ ମଉଦ୍ ଅ.ସ ହ. ଡାକ୍ତର ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କୁ ଅଟକାଇବାକୁ ଆବଶ୍ୟକ ବୋଲି ମନେକଲେ । ହ. ମସିହ୍ ମଉଦ୍ ଅ.ସ ଖଲିଫା ରଶିଦୁଦ୍ଦୀନ୍ ସାହେବଙ୍କୁ କହିଲେ, ମହୋଦୟ ! ବର୍ତ୍ତମାନ ଆପଣଙ୍କୁ ଆଉ ଅତିରିକ୍ତ ବଳିଦାନ ଦେବାର ଆବଶ୍ୟକତା ନାହିଁ (କାରଣ ଆପଣ ବହୁତ ବଳିଦାନ ଦେଇ ସରିଲେଣି) ।" **(ତକାରିର୍ ଜଲ୍‌ସା ସାଲାନା 1926 ମସିହା, ଅନ୍‌ୱାରୁଲ୍ ଉଲୁମ୍, ଭାଗ-9, ପୃ-403)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ସେହି ଉଦାହରଣ ଯେଉଁ ଉଦାହରଣ ପୁରାତନ ଅହେମଦିମାନେ ସ୍ଥାପନ କରିଥିଲେ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବାମାନେ ମଧ୍ୟ ସ୍ଥାପିତ କରିଥିଲେ । ପୁନଶ୍ଚ ପ୍ରତ୍ୟେକ ଖିଲାଫତ୍ କାଳରେ ଉକ୍ତ ଉଦାହରଣ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ । ହୁଜୁର ଅ.ବ କହିଲେ ବର୍ତ୍ତମାନ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ କାଳର ଗୋଟିଏ ଦୁଇଟି ଘଟଣା ବର୍ଣ୍ଣନା କରିଦେଉଛି । ପ୍ରବାସକାରୀ ହ. ସୁଫି ନବୀ ବଖଶ୍ ସାହେବ ର.ଅ ବର୍ଣ୍ଣନା କରି କୁହନ୍ତି: "ଏକଦା ଜଲ୍‌ସା ସାଲାନାରେ ମୁଁ ଉପସ୍ଥିତ ହେଲି । ମୁଁ କହିଲି କି ମୁଁ ହ. ମସିହ୍ ମଉଦ ଅ.ସଙ୍କୁ ଏକାନ୍ତରେ କିଛି କହିବାକୁ ଚାହୁଁଛି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ହଉ ଭିତରକୁ ଆସନ୍ତୁ ମହୋଦୟ । ସଂଯୋଗ ବଶତଃ ଯେଉଁ ଦ୍ୱାର ମଧ୍ୟ ଦେଇ ଆପଣ (ନବୀ ବଖଶ୍ ସାହେବ) ଗୃହ ମଧ୍ୟକୁ ପ୍ରବେଶ କରିଥିଲେ ସେହି ଗୃହର ଝରକା ମଧ୍ୟ ମେଲା (ଖୋଲା) ରହିଥିଲା । ମୋ ସହିତ ଆହୁରି ଅନେକ ଲୋକମାନେ ଭିତରକୁ ଚାଲି ଆସିଲେ । ମୁଁ କହିଲି, ହୁଜୁର୍ ପିତାଶ୍ରୀ କହୁଛନ୍ତି ଯେ, ସେ ମୋତେ ସୁଶିକ୍ଷା ଏବଂ ସର୍ବୋଚ୍ଚ ଶିକ୍ଷା ପ୍ରଦାନ କରିଛନ୍ତି ଏବଂ ମୁଁ ଯେବେ ଠାରୁ ଚାକିରୀ କରି ସେବକ ହୋଇଛି ସେବେଠାରୁ ମୁଁ ତାଙ୍କର କୌଣସି ସେବା ଶୁଶ୍ରୁଷା କରି ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ନବୀ ବଖଶ୍ ସାହେବ କୁହନ୍ତି ଯେ, ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲେ, ହୁଜୁର୍ ! ପିତାଶ୍ରୀ କହୁଛନ୍ତି ଯେ, ସେ ମୋତେ ଉଚ୍ଚ ଶିକ୍ଷା ପ୍ରଦାନ କଲେ, କିନ୍ତୁ ମୁଁ ତାଙ୍କର କୌଣସି ସେବା ଯତ୍ନ କରୁ ନାହିଁ । ଆଉ ପତ୍ନି କହୁଛି ଯେ, ମୁଁ କୁଆଡ଼େ ଜଣେ ଭଲ ଅହେମଦି ହୋଇଯାଇଛି। ମୋ ନିକଟରେ ଯେଉଁ ଅଳଂକାର ରହିଥିଲା ତାହା ମଧ୍ୟ ବିକ୍ରି ହୋଇଗଲା । ମୁଁ ପ୍ରତ୍ୟେକ ଜିନିଷ ଚାନ୍ଦାରେ ଦେଇ ଦେଉଥିଲି । ହୁଜର ଅନ୍‌ୱର୍ ଅ.ବ କହିଲେ, ସମ୍ଭବତଃ ତାଙ୍କୁ ଘର ଚଳାଇବା ନିମନ୍ତେ ଅଳଂକାର ବିକ୍ରି କରିବାକୁ ପଡୁଥିବ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

କିମ୍ବା ଆବଶ୍ୟକ ସମୟରେ ଏପରି କୌଣସି ସମସ୍ୟା ଆସୁଥିବ ଯେ, ସେଠାରେ ଆଭୂଷଣ ତଥା ଅଳଂକାର ଆଦି ବିକ୍ରି କରିବାକୁ ପଡୁଥିବ । ଉକ୍ତ କଥାକୁ କେନ୍ଦ୍ର କରି ପତ୍ନିର ଅଭିଯୋଗ ରହିଥିଲା । ନବୀ ବଖଶ୍ ସାହେବ କହିବାକୁ ଲାଗିଲେ ଯେ, ମୋ ପିତାଶ୍ରୀଙ୍କର ମଧ୍ୟ ସମାନ ଅଭିଯୋଗ ରହିଛି ଯାହା ମୋ ପତ୍ନିଙ୍କର ଅଭିଯୋଗ ରହିଛି । ଏତଦ୍‌ପରେ ଆପଣ (ନବୀ ବଖ୍‌ଶ୍ ସାହେବ) ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ କୁହନ୍ତି ଯେ, ହୁଜୁର ବର୍ତ୍ତମାନ୍ ମୁଁ କାଦିୟାନ୍ ଆସିଅଛି । ତେବେ ଏଠାରେ ମୁଁ ଉକ୍ତ ବସ୍ତିର ଦୃଶ୍ୟ ଦେଖୁଛି ଯେ, ଉକ୍ତ ସଂପ୍ରଦାୟର ସେବା କରିବା ନିମନ୍ତେ ଆପଣଙ୍କ ଅନୁଗାମୀମାନେ ସହସ୍ର ସହସ୍ର ଟଙ୍କା ତ୍ୟାଗ କରି ଦେଉଛନ୍ତି । ତେଣୁ ହୁଜୁର ! ଆପଣ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ମୋତେ ଦ୍ୱିଗୁଣା ଓ ତ୍ରିଗୁଣା ବେତନ ପ୍ରଦାନ କରନ୍ତୁ ଯଦ୍ଦ୍ୱାରା ମୁଁ ଆପଣଙ୍କ ସେବା କରି ପାରିବି । ସେହି ଅଭିଯୋଗର ଚର୍ଚ୍ଚା କରି ନବୀ ବଖ୍‌ଶ୍ ସାହେବ କୁହନ୍ତି: "ଯେତେବେଳେ ମୁଁ ସେହି ଲୋକମାନଙ୍କର ଆଦର୍ଶ ଓ ଉଦାହରଣକୁ ଅବଲୋକନ କରେ ସେତେବେଳେ ମୋ ହୃଦୟରେ ଏହି ଇଚ୍ଛା ସୃଷ୍ଟି ହୁଏ ଯେ, ମୁଁ ଏହାଠୁ ବି ଅଧିକ ବଳିଦାନ ଦେବି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅଲ୍ଲାଃତାଲା ଏପରି ସାଧନ ସୃଷ୍ଟି କରିଦେଲେ ଯେ, ମହୋଦୟ ନବୀ ବଖ୍‌ଶ୍ ସାହେବଙ୍କୁ ବିଦେଶରେ ଚାକିରୀଟିଏ ମିଳିଗଲା ଏବଂ ବେତନରେ ମଧ୍ୟ ବୃଦ୍ଧି ଘଟିଲା । ସେ ଆର୍ଥିକ ସାହାଯ୍ୟ ମଧ୍ୟ କଲେ ଏବଂ ନିଜ ପରିବାର ବର୍ଗଙ୍କୁ ମଧ୍ୟ ସାହାଯ୍ୟ କଲେ । **(ରେଜିଷ୍ଟର ରିୱାୟାତ୍ ସାହାବାତରୁ ଉଦ୍ଧୃତ (ଅପ୍ରକାଶିତ ସଂଖ୍ୟା-15, ପୃ-105, ବର୍ଣ୍ଣନାକାରୀ ସୁଫି ନବୀ ବଖ୍‌ଶ୍ ସାହେବ ର.ଅ))**

ସେହି ପୁଣ୍ୟବାନ ବ୍ୟକ୍ତିମାନେ ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରତିଶୃତ ମସିହ୍ ଅ.ସଙ୍କ ପବିତ୍ର ଐଶୀ ଶକ୍ତି ଫଳରେ (ଦ୍ୱାରା)ସେହି କାଳରେ ଯେଉଁ କାଳ ସାଂସାରିକ କାଳ ଥିଲା । ଯେଉଁଠି ସାଂସାରିକତା କାୟାବିସ୍ତାର କରିଥିଲା । ହେଲେ ତଥାପି ସେହି କାଳରେ ପୁଣ୍ୟବାନ ବ୍ୟକ୍ତିମାନେ ତ୍ୟାଗ ଓ ବଳିଦାନ ଦେଉଥିଲେ ଆଜି ମଧ୍ୟ ଏହି ଉଦାହରଣ ଆମମାନଙ୍କୁ ଦେଖିବାକୁ ମିଳିଥାଏ । ଅପରପକ୍ଷେ ସାଂସାରିକତା ସାଂପ୍ରତିକ କାଳରେ ବିସ୍ତୃତ ଲାଭ ପାଇଛି । କିନ୍ତୁ ତଥାପି ପୁଣ୍ୟବାନ ଓ ସଦାଚାରୀ ଲୋକମାନେ ଈଶ୍ୱରଙ୍କ ମାର୍ଗରେ ଅର୍ଥ ବ୍ୟୟ କରୁଛନ୍ତି । କେତେକ ଦରିଦ୍ର ବ୍ୟକ୍ତିମାନେ ସେହି କାଳରେ କିପରି ବଳିଦାନ ଦେଉଥିଲେ ସେହି ବଳିଦାନକାରୀଙ୍କ ଉଦାହରଣ ଆଜି ମଧ୍ୟ ଆମମାନଙ୍କୁ ଦେଖିବାକୁ ମିଳିଥାଏ । ଆଫ୍ରିକାର କେତେକ ବ୍ୟକ୍ତି ନିଜର ଅଙ୍ଗେଲିଭା ଘଟଣା ମୋତେ ଲେଖି ପ୍ରେରଣ କରିଛନ୍ତି । କିନ୍ତୁ ମୁଁ ପ୍ରଥମେ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଗରିବ ଲୋକମାନଙ୍କର ଉଦାହରଣ ଉପସ୍ଥାପିତ କରି ଦେଉଛି ।

ହ. କାରି କମୁଦ୍ଦୀନ୍ ସାହେବ ର.ଅ ସାଇଁ ଦିୱାନ୍ ଶାହ୍ ସଂକ୍ରାନ୍ତରେ ଏକ ଘଟଣା ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି ଯେ, ମୁଁ ସାଇଁ ସାହେବଙ୍କୁ ବେଳେବେଳେ ପ୍ରଶ୍ନ କରୁଥିଲି ଯେ, ସାଇଁ ସାହେବ ! ଆପଣଙ୍କୁ କାଦିୟାନ୍ ଆସିବାର କୌଣସି ବିଶେଷ କାରଣ ଓ ପ୍ରୟୋଜନୀୟତା ରହିଛି । ଆପଣ ଅତ୍ୟଧିକ କାଦିୟାନ୍ ଯାଉଥିଲେ କାରଣ ଯେଉଁଠି ତାଙ୍କର ଗ୍ରାମ ରହିଥିଲା ସାଇଁ ସାହେବ ସେହି ବାଟ ଦେଇ ଅତିକ୍ରମ କରୁଥିଲେ । କାଜି ସାହେବଙ୍କର ଗ୍ରାମ ଦେଇ ଅତିକ୍ରମ କରୁଥିଲେ ଏବଂ ରାତ୍ରରେ ସେହିଠାରେ ରାତ୍ରୀ ଯାପନ କରୁଥିଲେ । ସେ କୁହନ୍ତି, ସାଇଁ ସାହେବ ଦିୱାନ୍ ଶାହ୍ ନାରୋୱାଲ୍‌ର ଅଧିବାସୀ ଥିଲେ ଏବଂ ପଦଯାତ୍ରା କରି ସେ କାଦିୟାନ୍ ଯାଉଥିଲେ। ଅନେକ ମାଇଲ୍‌ର ଯାତ୍ରା ରହିଥିଲା ଯାହାକୁ ଆପଣ ଅତିକ୍ରମ କରୁଥିଲେ । ନାରୋୱାଲ୍‌ରୁ କାଦିୟାନ୍ ପର୍ଯ୍ୟନ୍ତ । ସେ କୁହନ୍ତି " ମୁଁ ଯଦି ମଝି ମାର୍ଗ ଦେଇ ଅତିକ୍ରମ କରନ୍ତି, ଶର୍ଟ୍ କଟ୍ (Short Cut) ବାଟ ଦେଇ ବି ଯଦି ଅତିକ୍ରମ କରନ୍ତି ତେବେ ମଧ୍ୟ ପ୍ରାୟ 100 ମାଇଲ୍ ବ୍ୟବଧାନ ହେବ । ଏତେ ଦୂର ଆପଣ ପଦଯାତ୍ରା କରୁଥିଲେ। ତେଣୁ ସେ ସାଇଁ ସାହେବଙ୍କୁ କହିଲେ, ମହୋଦୟ ଆପଣ କାଦିୟାନ୍ କୌଣସି ବିଶେଷ କାରଣରୁ ଯାଉଛନ୍ତି ନା କେବଳ ସାକ୍ଷାତ୍ କରିବା ଉଦ୍ଦେଶ୍ୟ ନେଇ ଯାଉଛନ୍ତି ଯେ, ଆପଣ ଯାଇ ହ. ମସିହ୍ ମଉଦ୍ ଅ.ସଙ୍କୁ ଭେଟି ନେବେ ? ସାଇଁ ସାହେବ କହିଲେ ଯେ, ପ୍ରଥମତଃ ଆପଣ ଅ.ସଙ୍କୁ ସାକ୍ଷାତ୍ କରିବାର ମୋର ଇଚ୍ଛା ରହିଛି। ଦ୍ୱିତୀୟତଃ ମୁଁ ଜଣେ ଗରିବ ଲୋକ ଅଟେ । ଯେଭଳି ଧନୀ ବ୍ୟକ୍ତିମାନେ ସହସ୍ର ଏବଂ ଶତାଧିକ ଚାନ୍ଦା ଦେଉଛନ୍ତି ମୁଁ ସେମାନଙ୍କ ପରି ଚାନ୍ଦା ଦେଇ ପାରିବି ନାହିଁ । ତେଣୁ ମୁଁ କାଦିୟାନ୍ ଏଇଥି ପାଇଁ ଯାଉଛି ଯେ, ମୁଁ ଅତିଥି ଆଳୟ (ଭବନ) ଯାଇ ସେଠାରେ ଅତିଥିଙ୍କ ନିମନ୍ତେ ଖଟ ପଲଙ୍କ ତିଆରି କରିବି । ଯଦ୍ଦ୍ୱାରାକି ମୋ ମୁଣ୍ଡରେ ଥିବେ ଚାନ୍ଦାର ବୋଝ ହାଲୁକା ହୋଇଯିବ । ଅର୍ଥାତ୍ ମୁଁ ମାଗଣାରେ ଖଟ ତିଆରି କରିବି ଏବଂ ମୋ ମୁଣ୍ଡରୁ ଚାନ୍ଦାର ବୋଝ ହାଲ୍‌କା ହୋଇଯିବ । "**(ରେଜିଷ୍ଟର ରିୱାୟାତ୍ ସାହାବାରୁ ଉଦ୍ଧୃତ (ଅପ୍ରକାଶିତ ସଂଖ୍ୟା-2, ପୃ-96, ବର୍ଣ୍ଣନାକାରୀ ସୁଫି ନବୀ ବଖ୍‌ଶ୍ ସାହେବ ର.ଅ))**

ଚାନ୍ଦା ନଦେବା ହେତୁ ମନ ମଧ୍ୟରେ ଯେଉଁ ଭାବନା ରହିଥାଏ ଯେ, ମୁଁ ଚାନ୍ଦା ଦେଇପାରୁ ନାହିଁ, ସେହି ବୋଝ ତ' ଟିକେ କମ୍ ହୋଇଯିବ । ଉକ୍ତ ଖଟ ବୁଣାର ଯେଉଁ କାର୍ଯ୍ୟ ରହିଛି ତହିଁରୁ ମୋତେ ଆଶ୍ୱସ୍ତି ପ୍ରାପ୍ତ ହେଉଛି । ତେଣୁ ମୁଁ ଲଙ୍ଗର ଖାନାର ଖଟ ବୁଣା କାମ କରିନେଉଛି ଏବଂ ହୃଦୟକୁ ଆଶ୍ୱସ୍ତି ମିଳିଯିବ ଯେ, ମୁଁ ଯଦି ମୂଳରେ ଉକ୍ତ କାର୍ଯ୍ୟ କରିବି ତେବେ ଏହା ହିଁ ମୋର ଚାନ୍ଦା ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ସେହି କାଳର ଦରିଦ୍ର ବ୍ୟକ୍ତିଙ୍କ ମନରେ ଏହି ମନୋଭାବ ରହିଥିଲା । ସାଂପ୍ରତିକ କାଳରେ ମଧ୍ୟ ଆମେମାନେ ଏହା ଅବୋଲକନ କୁରଛେ ଯେ, ଅଲ୍ଲାଃତାଲା କିପରି ଲୋକମାନଙ୍କ ମଧ୍ୟରେ ଉକ୍ତ ଆତ୍ମା ସୃଷ୍ଟି କରିଦେଇଛନ୍ତି। ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ଦେଶର ଲୋକମାନଙ୍କୁ ଯେଉଁଠି କିଛି ବର୍ଷ ପୂର୍ବେ ଅହେମଦିୟତ୍‌ର ପରିଚୟ ପ୍ରାପ୍ତ ହେଲା ସେହି ଲୋକମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଗଲେ । ସେହି ଲୋକମାନଙ୍କର ଆର୍ଥିକ ତ୍ୟାଗ ତଥା ବଳିଦାନର ଯେଉଁ ସ୍ପୃହା ରହିଥିଲା ସେହି ଅଭୂତ ପ୍ରକାରର ଦୃଶ୍ୟ ଆଜି ଆମେମାନଙ୍କୁ ଦୃଶ୍ୟମାନ ହେଉଛି । 1400 ବର୍ଷ ପୂର୍ବର ଉତ୍ସାହ ଓ ଉଦ୍ଦୀପନା ମଧ୍ୟ ଆଜି ଆମମାନଙ୍କୁ ଦୃଶ୍ୟମାନ ହେଉଛି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯେଉଁ କେତେକ ଲୋକମାନଙ୍କର ଉଦାହରଣ ନିଜ ସମୟରେ ଉପସ୍ଥାପିତ କରିଛନ୍ତି ସେମାନଙ୍କର ଉତ୍ସାହକୁ ଆମେମାନେ ଅତି ସହଜରେ ଦେଖୁଛେ । ଏହି ମନୋବୃତ୍ତି ତଥା ଏହି ମନୋଭାବ ଆଜି ଜମାଅତ୍ ଅହେମଦିୟାରେ ହ. ମସିହ୍ ମଉଦ୍ ଅ.ସଙ୍କ ଅନୁଗାମୀମାନଙ୍କ ପରେ ବିଶ୍ୱାସରେ ସତେଜତା ଯୋଗୁଁ ସୃଷ୍ଟି ହୋଇଛି ।

ମାର୍ଶଲ ଆଇଲ୍ୟାଣ୍ଡ୍‌ର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଲାଦ୍‌ରୀ ଆଇଜାକ୍ (Isacc) ସାହେବା ନମାକ ଜନୈକ ନିଷ୍ଠିକା ମହିଳା କର୍ମଚାରୀଣୀ ଅଟନ୍ତି ଏବଂ ଜମାଅତ୍‌ର ଲଙ୍ଗର ଚଳାଇବା ନିମନ୍ତେ ସେ ଅକ୍ଲାନ୍ତ ପରିଶ୍ରମ କରିଥାଆନ୍ତି । ଯେଉଁଠି ଦୈନିକ ଦୁଇ ଓଳି ଖାଦ୍ୟ ତଥା ଆହାର ପ୍ରସ୍ତୁତ କରାଯାଇଥାଏ । ମହୋଦାୟ ଆସନ୍ତି ଏବଂ ଖାଦ୍ୟ ରାନ୍ଧନ୍ତି ଓ ସେବା କିରଥାଆନ୍ତି । କିନ୍ତୁ ମହୋଦାୟାଙ୍କୁ ଯେତେବେଳେ ବି ବେତନ ମିଳେ ସେତେବେଳେ ମହୋଦାୟଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ସେ ନିଜର ଓ ନିଜ ପାଞ୍ଚ ଜଣ ପୌତ୍ର ପୌତ୍ରୀମାନଙ୍କ ତରଫରୁ ଆର୍ଥିକ ବଳିଦାନ ଉପସ୍ଥାପିତ କରି ଦେଉଥିଲେ । ମହୋଦୟାଙ୍କର ୱକ୍‌ଫେ ଜଦିଦ୍‌ର ବଳିଦାନ ଜମାଅତ୍‌ରେ ସବୁଠୁ ବେଶୀ ହୋଇଥାଏ । ମୁବଲ୍ଲିଗ୍ ସାହେବ କୁହନ୍ତି: "ମହୋଦୟଙ୍କ ପରିବାର ଅତ୍ୟନ୍ତ ଦରିଦ୍ର ଅଟେ । ଏମାନେ ହେଉଛନ୍ତି ସେହି ଲୋକ ଯାହାଙ୍କ ଘରକୁ ଦେଖି ହ. ମସିହ୍ ମଉଦ୍ ଅ.ସଙ୍କ କଲ୍ୟାଣମୟ ଶବ୍ଦ ମନେ ପଡ଼ି ଯାଇଥାଏ ଯେ, ଧର୍ମପରାୟଣ ବ୍ୟକ୍ତି ପ୍ରକୃତ ସୁଖ ଝୁପୁଡ଼ି ଘରେ ମଧ୍ୟ ପ୍ରାପ୍ତ କରି ପାରିବ । କିନ୍ତୁ ଏହି ସୁଖ ସାଂସାରିକ ଈର୍ଷାଳୁ ଉପାସକକୁ ଆଭିଜାତ୍ୟ ପ୍ରାସାଦରେ ମଧ୍ୟ ମିଳି ପାରିବ ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ସେଠିକାର ଜନୈକା ମହିଳା ଯାହାଙ୍କ ନାମ ଲୋରେନ (Loreen) ସାହେବା ଅଟେ । ଏହି ମହୋଦୟା ମଧ୍ୟ ମାର୍ଶଲ୍ ଆଇ ଲ୍ୟାଣ୍ଡ୍‌ରେ ଜମାଅତ୍‌ର ଲଙ୍ଗର୍ କାର୍ଯ୍ୟ କରି ଥାଆନ୍ତି । କୁହନ୍ତି ଯେ, ମୁଁ ୱକ୍‌ଫେ ଜଦିଦ୍‌ର ଚାନ୍ଦା ସଂପର୍କରେ ମହୋଦୟାଙ୍କୁ ସ୍ମରଣ କରାଇଲି କି ମହୋଦୟା ବର୍ଷ ଶେଷ ହେଉଛି ଏବଂ ଆମର ଚାନ୍ଦା ଗତ ଅପେକ୍ଷା ଚଳିତ ବର୍ଷ ସ୍ୱଳ୍ପ ରହିଛି । ଏତଦ୍‌ପରେ ଶୁକ୍ରବାର ଦିନ ଲୋରେନ୍ ସାହେବା କାର୍ଯ୍ୟାଳୟକୁ ଆସିଲେ ଏବଂ ନିଜର ୱକ୍‌ଫେ ଜଦିଦ୍‌ର ଚାନ୍ଦା ଉପସ୍ଥାପିତ କଲେ । କାରଣ  ଆମେ ଗତ ବର୍ଷର ଲକ୍ଷ୍ୟକୁ ହାସର କରିପାରିବୁ କିମ୍ବା ଏହାଠୁ ବି ଅଧିକ ଲକ୍ଷ୍ୟ ବୃଦ୍ଧି କରିପାରିବୁ ।

କାଜାଖିସ୍ତାର ମୁବଲ୍ଲିଗ୍ ସିଲ୍‌ସିଲା ଅୟାନ୍ ଅବ୍ରାଇଫ୍ ସାହେବଙ୍କ ଚାନ୍ଦାର ଚର୍ଚ୍ଚା କରି କହୁନ୍ତି ଯେ, ମୁଁ ଜୀବନରେ ଏମିତି ସମୟ ମଧ୍ୟ ଦେଖିଛି ଯେ, ମୋ ନିକଟରେ ଯେତେବେଳେ ରୁଟି କିଣିବା ନିମନ୍ତେ ପଇସା ନଥିଲା, ସେତେବେଳେ ମୋତେ ଖାଦ୍ୟ ଏବଂ ପାନୀୟ ସାମଗ୍ରୀ ନିମନ୍ତେ ଋଣ ନେବାକୁ ପଡୁଥିଲା ଏବଂ ମୋର ପତ୍ନି ସର୍ବଦା ଚିନ୍ତିତ ରହୁଥିଲେ ଯେ, ଆମେମାନେ ଆଗକୁ କେମିତି ଜୀବନ ବିତାଇବୁ । କିନ୍ତୁ ସେହି ପରିସ୍ଥିତିରେ ମଧ୍ୟ ମୁଁ ଚାନ୍ଦା ଦେବା ଆରମ୍ଭ କରିଦେଲି ଏବଂ ବର୍ତ୍ତମାନ ମଧ୍ୟ ମୋର ଏହି ନୀତି ରେହିଛି ଯେ, ମୋ ନକଟରେ ଯେତେବେଳେ ପଇସା ଆସେ ସେତେବେଳେ ମୁଁ ସର୍ବ ପ୍ରଥମେ ଚାନ୍ଦା ପୈଠ କରିଥାଏ । କିନ୍ତୁ ଅଲ୍ଲାଃତାଲା ମୋ ପ୍ରତି ବଡ଼ ବିଚିତ୍ର ବ୍ୟବହାର ପ୍ରଦର୍ଶନ କରନ୍ତି ଯେ, ମୁଁ ଯେତେବେଳେ ବି ଚାନ୍ଦା ପୈଠ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

କରିଥାଏ ସେତେବେଳେ ଅଲ୍ଲାଃତାଲା ମୋତେ ଉତ୍ତମ ଓ ଉତ୍କୃଷ୍ଟ ଆର୍ଥିକ ସାଧନ ଦ୍ୱାରା ସମ୍ମାନିତ ଏବଂ ପୁରସ୍କୃତ କରି ଦିଅନ୍ତି । ବେଳେବେଳେ ମୋ ପତ୍ନି ମୋତେ ପଚାରନ୍ତି ଯେ, ଏ ପଇସା କେଉଁଠୁ ଆସିଲା ? ତେବେ ମୁଁ ପତ୍ନିଙ୍କୁ କୁହେ କି ଏହି ସମସ୍ତ ପଇସା ଚାନ୍ଦାର କଲ୍ୟାଣ ଅଟେ । ଅଲ୍ଲାଃତାଲା କାହାରି ଧାର କରଜ ରଖନ୍ତି ନାହିଁ । ଅଲ୍ଲାଃତାଲା କୁହନ୍ତି ଯେ, ଯେତେବେଳେ ତୁମେ ଧନକୁ ମୋ ସକାଶେ ବ୍ୟୟ କରିବ ସେତେବେଳେ ମୁଁ ତୁମକୁ ସେହି ଅର୍ଥ ଅଧିକ ଗୁଣା କରି ଫେରସ୍ତ କରିଦେବି ଓ ଅଲ୍ଲାଃତାଲା ନିଜର ଏହି ପ୍ରତିଶ୍ରୁତି ତଥା ଅଙ୍ଗୀକାରକୁ ଅବଶ୍ୟ ପୂର୍ଣ୍ଣ କରିଥାଆନ୍ତି ।

କ୍ୟାମରୁନ୍‌ର ମୁରଓ୍ୱା ନାମକ ସହର ନିକଟବର୍ତ୍ତୀ ଏକ ଜମାଅତ୍ ରହିଛି । ସେଠାରେ ମୁହମ୍ମଦ ୟୁସନ୍ ନାମକ ଜନୈକ୍ ବନ୍ଧୁ ଅଟନ୍ତି, ସେ କୁହନ୍ତି: "ମୁଁ ଦରିଦ୍ର ବ୍ୟକ୍ତି ଥିଲି । ଲୋକମାନଙ୍କ ଫାର୍ମରେ କାମ କରୁଥିଲି । କିନ୍ତୁ ଅହେମଦି ହେବା ପରେ ମୁଁ ଚାନ୍ଦା ଦେବା ଆରମ୍ଭ କଲି ଏବଂ ଚାନ୍ଦାର କଲ୍ୟାଣ ହେତୁ ଅଲ୍ଲାଃତାଲା କେବଳ ମୋର ଚାନ୍ଦାକୁ ସ୍ୱୀକାର କଲେ ନାହିଁ ବରଂ ମୋତେ ଏପରି ସମ୍ମାନିତ ତଥା ପୁରସ୍କୃତ କଲେ ଯେ, ମୋର ନିଜର ଗୋଟିଏ ନିଜର ଫାର୍ମ ହୋଇଗଲା । ଉକ୍ତ ପ୍ରସଙ୍ଗ ମୋତେ ଆଶ୍ୱସ୍ତି ପ୍ରଦାନ କରେ ଯେ, ଅଲ୍ଲାଃତାଲା ମୋର ବଳିଦାନ ଏବଂ ମୋର ପ୍ରାର୍ଥନାକୁ ସ୍ୱୀକାର କରିନେଲେ । କାରଣ ଅଲ୍ଲାଃତାଲା ମୋତେ ବହୁତ ଧନ ସମ୍ପଦ ଦ୍ୱାରା ପୁରସ୍କୃତ କଲେ ଏବଂ ମୋତେ ଫାର୍ମର ମାଲିକ କରିଦେଲେ । ଦିନ ଥିଲା କି ମୁଁ ଦିନେ ଫାର୍ମରେ ମୂଲ ଲାଗୁଥିଲି ଏବଂ ଶ୍ରମିକ ଥିଲି । ଆଉ ଆଜି ମୁଁ ନିଜେ ଏକ ଫାର୍ମର ମାଲିକ ହୋଇଗଲି ।"

ନାଇଜିରିୟାର ଜଣେ ଦରିଦ୍ର ଜମାଆତ୍ ଅଟେ । ସେଠାକାର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଲାଓଲି ସାହେବ ନାମକ ଜନୈକ ବ୍ୟକ୍ତି ଅଟନ୍ତି ସେ କୁହନ୍ତି: "ମୁଁ ଟାଇଗର୍ ନଟ୍ (Tiger Nut)ର ଚାଷ କରେ ଏବଂ ମୁଁ ଯଦିଓ (ଚାନ୍ଦା ସଂପର୍କରେ) କିଛି କହି ନଥିଲି । କିନ୍ତୁ ମନରେ ମୁଁ ଏହି ମାନସିକ କରିଥିଲି ଯେ, ମୁଁ ଦଶମାଂଶ ଭାଗ ଚାନ୍ଦାରେ ଦେଇ ଦେବି । କିନ୍ତୁ ପରିସ୍ଥିତି ଏପରି ହେଲା ଯେ, ଚାଷ କଲା ପରେ ଖୁବ୍ ବର୍ଷା ହେଲା ଏବଂ ଫସଲ୍ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ରହିଥିଲା। କାରଣ ଏହି ଟାଇଗର୍ ନଟ୍ ନିମନ୍ତେ ଅଧିକ ବର୍ଷା ଆବଶ୍ୟକ ପଡ଼ି ନଥାଏ । ଆଖପାଖର ଯେଉଁ ପଡ଼ୋଶୀମାନେ ରହିଥିଲେ ସେମାନଙ୍କର ଫସଲ୍ ନଷ୍ଟ ହେବାକୁ ଲାଗିଲା କିମ୍ବା ସ୍ୱଳ୍ପ ଫସଲ୍ ନଷ୍ଟ ହେଲା । କିନ୍ତୁ ଅଲ୍ଲାଃତାଲା ମୋର ଫସଲରେ ଅଜସ୍ର କଲ୍ୟାଣ ପ୍ରଦାନ କଲେ ଯେଉଁଠି ଲୋକମାନଙ୍କୁ ମୋ ଅପେକ୍ଷା ଅଧିକା ଜମିରେ 5 ବ୍ୟାଗ୍ କିମ୍ବା 6 ବ୍ୟାଗର ଶସ୍ୟ ମିଳୁଥିଲା ସେଠାରେ ମୋତେ 10 ବ୍ୟାଗ୍ କିମ୍ବା 10 ବସ୍ତା ଶସ୍ୟ ପ୍ରାପ୍ତ ହେଲା । ବରଂ 11 ବସ୍ତା ମୋ କ୍ଷେତରୁ ଶସ୍ୟ ଉତ୍ପନ୍ନ ହେଉଥିଲା। ଏପରି ପରିସ୍ଥିତରେ ଯେତେବେଳେ ଫସଲ୍ ଖରାପ୍ ହୋଇଯାଏ ସେତେବେଳେ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥାଏ ଏବଂ ମାର୍କେଟରେ ବ୍ୟକ୍ତି ଭଲ ଅର୍ଥ ଉପାର୍ଜନ କରିପାରିବ । କିନ୍ତୁ ସେ ପଇସାର ଲୋଭ କଲେ ନାହିଁ । ସେ ମନରେ ଅଲ୍ଲାଃତାଲାଙ୍କ ସହିତ ଅଙ୍ଗୀକାର କରିଥିଲେ ଏବଂ କାହାରିକୁ କିଛି କହି ନଥିଲେ । କାରଣ ସେ ନିଜ ମନରେ ଅଲ୍ଲାଃତାଲାଙ୍କ ସହିତ ଏହି ଅଙ୍ଗୀକାର କରି ନେଇଥିଲେ । ତେଣୁ ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ହୋଇଗଲେ ଏବଂ ନିଜର ପ୍ରତିଶ୍ରୁତି ଅନୁଯାୟୀ ସେ 11ତମ ବସ୍ତା ଜମାଅତ୍‌କୁ ଚାନ୍ଦାରେ ଦେବାର ଥିଲା ଏବଂ ସେ ସେହି ବସ୍ତାକୁ ଦେଇ ଦେଲେ ଏବଂ ଧନ ପ୍ରତି ଥିବା ମୋହ ଏବଂ ପ୍ରେମ ତାଙ୍କ ଉପରେ ପ୍ରଭୁତ୍ୱ ଲାଭ କଲା ନାହିଁ । ଅତଏବ୍ ଏ ହେଉଛନ୍ତି ସେହି ବଳିଦାନକାରୀ ଲୋକମାନେ ଯେଉଁମାନେ ଆଜି ମଧ୍ୟ ଆମ ଜମାଅତ୍ ଅହେମଦିୟରେ ଦୃଶ୍ୟମାନ ହେଉଛନ୍ତି ଏବଂ ପ୍ରତ୍ୟେକ ଦେଶରେ ଏମାନେ ଦୃଶ୍ୟମାନ ହୁଅନ୍ତି ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଗ୍ୟାମ୍ବିଆର ୟୁରୋ ବାଓଲ୍ ନାମକ ଏକ ଜମାଅତ୍ ରହିଛି । ସେଠାକାର ସଦର୍ ସାହେବ କୁହନ୍ତି, ତାଙ୍କୁ କେଉଁଠୁ କିଛି ଟଙ୍କା ମିଳିଲା । ସେ ସେହି ଟଙ୍କା ତକକୁ ଦୁଇ ଭାଗରେ ବିଭକ୍ତ କରିଦେଲେ । ଏକ ଭାଗ ସେ ଚାନ୍ଦା ନିମନ୍ତେ ରଖିଦେଲେ ଓ ଦ୍ୱିତୀୟ ଭାଗ ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ରଖିନେଲେ । ସେ କୁହନ୍ତି: "ଦୁର୍ଭାଗ୍ୟବଶତଃ ତାଙ୍କର ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଯେଉଁ ଟଙ୍କା ରହିଥିଲା ତାହା ହ୍ରାସ ପାଇଲା । ବର୍ତ୍ତମାନ ତାଙ୍କ ନିକଟରେ କେବଳ ଚାନ୍ଦାର ଅର୍ଥ ଅବଶିଷ୍ଟ ରହିଯାଇଥିଲା । ଉକ୍ତ ଟଙ୍କାକୁ ସେ ବ୍ୟବହାର କରିପାରି ଥାଆନ୍ତେ । କିନ୍ତୁ ଆବଶ୍ୟକ ସତ୍ତ୍ୱେ ସେ ଚାନ୍ଦାର ଟଙ୍କାକୁ ବ୍ୟକ୍ତିଗତ ରୂପେ ବ୍ୟବହାର କଲେ ନାହିଁ। ତାଙ୍କ ମନରେ ଅର୍ଥ ପ୍ରତି ଥିବା ମୋହ କାୟା ବିସ୍ତାର କଲା ନାହିଁ ଏବଂ ନା ହିଁ ସେ କୌଣସି ଆଳ ଏବଂ ଟାଳଟୁଳ କଲେ ଯେ, ତାହା ହଜିଯାଇଛି ବୋଲି ମୁଁ ତହିଁରୁ ଅର୍ଦ୍ଧ ଅର୍ଥ ଖର୍ଚ୍ଚ କରିଦେବି । ସେ କହିଲେ, ନାହିଁ । ଯେଉଁ ଟଙ୍କା ମୁଁ ଚାନ୍ଦା ନିମନ୍ତେ ପୃଥକ୍ କରି ଦେଇଥିଲି ତାହାକୁ ମୁଁ ଚାନ୍ଦାରେ ଅବଶ୍ୟ ପୈଠ କରିଦେବି । ଅତଏବ୍ ସେହି ଟଙ୍କା ତକ ମୁଁ ଚାନ୍ଦାରେ ପୈଠ କରିଦେଲି । ଅଲ୍ଲାଃତାଲା ଏପରି କଲେ ଯେ, କିଛି କାଳ ପରେ ସେହି ହଜି ଯାଇଥିବା ଟଙ୍କା ତାଙ୍କୁ ମିଳିଗଲା ଏବଂ ତାଙ୍କର ଆବଶ୍ୟକତା ମଧ୍ୟ ପୂରଣ ହୋଇଗଲା । ଏଭଳି ପରିସ୍ଥିତିରେ ଯେତେବେଳେ ବ୍ୟକ୍ତିକୁ ଅର୍ଥ (ଟଙ୍କା) ଆବଶ୍ୟକ ପଡ଼େ ସେତେବେଳେ ଅର୍ଥ ପ୍ରତି ମୋହ ନିଃସନ୍ଦେହ ରୂପେ ବ୍ୟକ୍ତି ହୃଦୟରେ ବୃଦ୍ଧି ପାଇଥାଏ । କିନ୍ତୁ ଲୋକମାନଙ୍କ ମଧ୍ୟରେ ବଡ଼ ଅଦ୍ଭୁତ ନିଷ୍ଠା ରହିଛି ଯେ, ସେମାନେ ଅଲ୍ଲାଃତାଲାଙ୍କ ସହିତ ଯେଉଁ ଅଙ୍ଗୀକାର ତଥା ପ୍ରତିଶ୍ରୁତ କରିଦେଇଛନ୍ତି ତାହାକୁ ଯେକୌଣସି ମତେ ସେମାନେ ସଂପୂର୍ଣ୍ଣ କରିବେ । ପୁନଶ୍ଚ ଆଉ ଏକ ଘଟଣା ଯେଉଁଠି ଧନର ଆବଶ୍ୟକତା ଏବଂ ଅର୍ଥ ପ୍ରତି ଥିବା ମୋହ ମାୟା ବଳିଦାନ ଉପରେ କାୟା ବିସ୍ତାର ବା ପ୍ରଭୁତ୍ୱ ଲାଭ କରି ପାରିଲା ନାହିଁ ।"

ନାଇଜିରିୟାର ମରାୱୀ ନାମକ ଏକ ଜମାଅତ୍ ରହିଛି । ଅହେମଦ ସାନି ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ ସେହି ଜମାଅତ୍‌ରେ ୱକ୍‌ଫେ ଜଦିଦ୍‌ର ଜଣେ ଚାନ୍ଦା ପୈଠକାରୀ ବ୍ୟକ୍ତି ଅଟନ୍ତି । ସେ ପ୍ରତ୍ୟେକ ବର୍ଷ ନିୟମିତ ରୂପେ ଚାନ୍ଦା ପୈଠ କରନ୍ତି। ଚଳିତ ବର୍ଷ ଅଞ୍ଚଳରେ ବନ୍ୟା ବ୍ୟାପ୍ତ ଯୋଗୁଁ ଫସଲ୍ ନଷ୍ଟ ହୋଇଗଲା । ଏହି ଧାରଣା ରହିଥିଲା ଯେ, ଲୋକମାନେ ଚଳିତ ବର୍ଷ ଅଧିକ ଚାନ୍ଦା ଦେଇ ପାରିବେ ନାହିଁ । କିନ୍ତୁ ସେ ଅର୍ଥାତ୍ ସାନି ସାହେବ କହିଲେ, ନିଃସନ୍ଦେହ ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ଫସଲ ସବୁ ନଷ୍ଟ ହୋଇଯାଇଥିଲା । ବନ୍ୟା ଯୋଗୁଁ ଯଦିଓ ଭଲ ଫସଲ ହେଲା ନାହିଁ । କିନ୍ତୁ ବନ୍ୟା ଏବଂ ଫସଲ୍ ନଷ୍ଟ ଯୋଗୁଁ ମୁଁ ଚାନ୍ଦାରେ କିଛି ହ୍ରାସ କରିବି ନାହିଁ । ସେ ପୂର୍ବେ ଯେତେ ଚାନ୍ଦା ଦେଉଥିଲେ ଏହାଠୁ ବି ଅଧିକ ଚାନ୍ଦା ସେ ପୈଠ କଲେ ।

ପୁନଶ୍ଚ ଆଉ ଏକ ଘଟଣା ରହିଛି ଯେ, ଆବଶ୍ୟକ ସତ୍ତ୍ୱେ ମହୋଦୟ ତ୍ୟାଗ ଓ ବଳିଦାନକୁ ଅଗ୍ରାଧିକାର ଦେଲେ । ନାଇଜେରିୟାର ଡିବ୍‌ସୁ (Dibsu) ନାମକ ଜନୈକ ବନ୍ଧୁ ଅଟନ୍ତି । ସେ କୁହନ୍ତି: "ସେଠାରେ ସ୍ୱଳ୍ପ ବୃଷ୍ଟିପାତ ହେଲା । ସ୍ୱଳ୍ପ ବୃଷ୍ଟିପାତ ହେତୁ ଫସଲ ଉପରେ ବହୁତ କୁପ୍ରଭାବ ପଡ଼ିଲା । କେଉଁଠି ଅଧିକ ବର୍ଷା ହେଉଥିଲା ତ' କେଉଁଠି ସ୍ୱଳ୍ପ ବୃଷ୍ଟିପାତ ହେଉଥିଲା ଏବଂ କେଉଁଠି ବପଡି ଆସୁଛି । ଆଫ୍ରିକାରେ ଆମର ଅଧିକାଂଶ ଜମାଅତ୍ ଗ୍ରାମାଞ୍ଚଳ ଜମାଅତ୍ ରହିଛି । ଦ୍ୱିତୀୟତଃ ସେଠାକାର ରୈଜନୈତିକ ଅବସ୍ଥା ମଧ୍ୟ ଆଜିକାଲି ଅତ୍ୟନ୍ତ ଶୋଚନୀୟ ରହିଛି । ସବୁ ଜିନିଷର ଦର ଦାମରେ ଅଭିବୃଦ୍ଧି ଘଟିଛି । ମୁଁ ଚିନ୍ତିତ ଥିଲି ଏବଂ ଏହି ପରିସ୍ଥିତିକୁ ଦେଖି ଏପରି ପ୍ରତିତ ହେଉଛି ଯେ, ଏମାନଙ୍କ ନିକଟରେ ତ' ପଇସା ପତ୍ର କିଛି ନାହିଁ ଏମାନେ ଚାନ୍ଦା କେଉଁଠୁ ଆଣି ଦେବେ ? କିନ୍ତୁ ଗ୍ରାମବାସୀଙ୍କୁ ଯେତେବେଳେ କୁହାଗଲା ଯେ, ୱକ୍‌ଫେ ଜଦିଦର ବର୍ଷ ଶେଷ ହେବାକୁ ଯାଉଛି ତେବେ ସେଠାକାର ଶାଫେଇ ଏଙ୍ଗୋ ସାହେବ ନାମକ ଜନୈକ ବ୍ୟକ୍ତି ଅଟନ୍ତି ସେ ଛିଡ଼ା ହୋଇ କହିଲେ, ଆମେମାନେ ପ୍ରତ୍ୟେକ ବର୍ଷ ନିୟମିତ ରୂପେ ଚାନ୍ଦା ଦେଇଥାଉ ଏବଂ ଏପରି କୌଣସି ବର୍ଷ ନାହିଁ ଯେତେବେଳେ ଅଲ୍ଲାଃତାଲା ଆମମାନଙ୍କୁ ଆମ ଚାନ୍ଦା ତୁଳନାରେ ଅଧିକ ଗୁଣା ବୃଦ୍ଧି କରି ଟଙ୍କା ଫେରସ୍ତ କରି ନଥିବେ । ଅତଏବ୍ ଅଲ୍ଲାଃତାଲା ଆମମାନଙ୍କୁ ଚାନ୍ଦାର କଲ୍ୟାଣ ହେତୁ ପୁରସ୍କୃତ କରି ଥାଅନ୍ତି ଏବଂ ଆମମାନଙ୍କର ଅର୍ଥନୈତିକ ଅବସ୍ଥା ମଧ୍ୟ ଠିକ୍ ଓ ସ୍ୱଚ୍ଛଳ ହୋଇଯାଇଛି । ଅଭାବ ସତ୍ତ୍ୱେ ଆମେମାନେ ଆହୁରି ଉତ୍ତମ ହୋଇଥାଉ । ତେଣୁ ଆମେମାନେ ପଛ ଘୁଞ୍ଚା ଦେବୁ ନାହିଁ । ଆମେମାନେ ଚାନ୍ଦା ପୈଠ କରିବୁ ଓ ସେ ଚାନ୍ଦା ପୈଠ କରିଦେଲେ । ଏଠାରେ ମଧ୍ୟ ସେହି କଥା ରହିଛି ଯେ, ଧନ ପ୍ରତି ଥିବା ପ୍ରେମ (ମୋହ ମାୟା) ସେମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କଲା ନାହିଁ ।"

ତାନ୍‌ଜାନିୟାର ଇବ୍ରାହିମ୍ ସାହେବ ନାମକ ଜନୈକ ବନ୍ଧୁ ଅଟନ୍ତି । ସେ କୁହନ୍ତି: "ମୋତେ ଯେତେବେଳେ ଚାନ୍ଦାର କଲ୍ୟାଣ ସଂପର୍କରେ ଜ୍ଞାତ ହେଲା ସେତେବେଳେ ମୁଁ ପ୍ରତ୍ୟେକ ମାସ ଏକ ବିଶେଷ ଅଂଶ (ଭାଗ) ଆର୍ଥିକ ବଳିଦାନ ନିମନ୍ତେ ଧାର୍ଯ୍ୟ କରିଦେଲି । ଏହି ଆର୍ଥିକ ବଳିଦାନର କଲ୍ୟାଣ ଫଳରେ ମୋର କାର୍ଯ୍ୟରେ ମଧ୍ୟ ଅଭିବୃଦ୍ଧି ହେଉଥିଲା । ଅଲ୍ଲାଃତାଲା ମୋର ଜୀବିକାରେ ଆଧିକ୍ୟତା ପ୍ରଦାନ କରି ଚାଲିଲେ । ଏକଦା ଚାନ୍ଦା ନିମନ୍ତେ ମୁଅଲ୍ଲିମ୍ ସାହେବ ମୋତେ କହିଲେ, ତେବେ ମୋ ନିକଟରେ କିଛି ଟଙ୍କା ରହିଥିଲା । ସେହି ଟଙ୍କା ମୁଁ ଏକ କାର୍ଯ୍ୟ ନିମନ୍ତେ ରଖିଥିଲି। ବ୍ୟବସାୟ ନିମନ୍ତେ ମୁଁ ଉକ୍ତ ଟଙ୍କା ରଖିଥିଲି । କିନ୍ତୁ ଆହ୍ୱାନ ଦେବା ପରେ ମୁଁ ତାହାକୁ ଚାନ୍ଦାରେ ଦେଇ ଦେଲି ଏବଂ ପରବର୍ତ୍ତୀ ଦିନ ଫୋନ୍ କରି ସେହି ଅର୍ଥ (ମାଲ୍ ବା ଜିନିଷ ପତ୍ର) ବିକ୍ରେତାକୁ ଯାହା ନିକଟରୁ ମୁଁ ଜିନିଷ ପତ୍ର କ୍ରୟ (କିଣିଥିଲ) କରିଥିଲି ମୁଁ କହିଲି, ମୋ ନିକଟରେ ବର୍ତ୍ତମାନ ଆଉ ପଇସା ନାହିଁ । ତେଣୁ ମୁଁ ତୁମ ଠାରୁ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଯେଉଁ ମାଲ୍ ଉଠାଇ ଥାଆନ୍ତି ସେହି ମାଲ୍ ଆଉ ମୁଁ ନିକଟରୁ ଉଠାଇ ପାରିବି ନାହିଁ। ପ୍ରତ୍ୟୁତ୍ତରରେ ସେ ମୋତେ କହିଲା ହଉ କିଛି କଥା ନାହିଁ । ତୁମେ ଯେଉଁ ମାଲ୍ ନେଇ ଥାଆନ୍ତ ସେହି ମାଲର ତ' ତୁମେ ଅଧା ପଇସା ପୈଠ କରି ସାରିଛ ଅବଶିଷ୍ଟ (ବାକି) ପଇସା ତୁମେ ପରେ କେତେବେଳେ ଦେଇଦେବ । କୁହନ୍ତି ଯେ, ମୁଁ ଏହା ତ' ଜାଣି ନଥିଲି ଯେ, ଉକ୍ତ ଅଧା ପଇସା ମୁଁ କେଉଁଠୁ ଓ କେଉଁ ଆଡ଼ୁ ପୈଠ କରିଥିଲି, କିଏ ପୈଠ କରିଥିଲା ? ଆଜି ପର୍ଯ୍ୟନ୍ତ ମୁଁ ଏକଥା ବୁଝି ପାରିଲି ନାହିଁ । ତେବେ ଅଲ୍ଲାଃତାଲା ବେଳେବେଳେ ଏହିପରି ସାହାଯ୍ୟ କରିଦେଇ ଥାଆନ୍ତି ଯେ, ଜଣାପଡ଼ି ନଥାଏ । ଅଲ୍ଲାଃତାଲା ଅନେକ ଲୋକମାନଙ୍କୁ ଆର୍ଥିକ ବଳିଦାନ କରିବା ଦ୍ୱାରା ଚାକିରୀ ମଧ୍ୟ ପ୍ରଦାନ କରିଦେଲେ ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଚେକ୍ ରିପବ୍ଲିକ୍‌ରୁ ଜଣୈକ ସ୍ଥାନୀୟ ଅଧିବାସୀ ତଥା ସେବକ କୁହନ୍ତି: ଅଲ୍ଲାଃତାଲା ମୋତେ ଆର୍ଥିକ ବଳିଦାନର ରହସ୍ୟ ସଂପର୍କରେ ବୁଝାଇ ଦେଇଛନ୍ତି । ଆର୍ଥିକ ବଳିଦାନ ଦ୍ୱାରା ମୋତେ ଏକ ନୂତନ ଆଧ୍ୟାତ୍ମିକ ଜୀବନ ପ୍ରାପ୍ତ ହୋଇଛି । ମୁଁ ନିଜର ସହପାଠୀମାନଙ୍କୁ ଯେତେବେଳେ ଦେଖେ ସେତେବେଳେ ମୁଁ ଏହା ଭାବେ ଯେ, ଏମାନେ ନାନା ସମସ୍ୟାରେ ସମସ୍ୟାଗ୍ରସ୍ତ ଅଟନ୍ତି । କିନ୍ତୁ ମୁଁ ଶାନ୍ତିର ସହିତ ଜୀବନ ଯାପନ କରୁଛି । ଯେଉଁଠି ପ୍ରତ୍ୟେକ ଛାତ୍ର ଓ ପ୍ରତ୍ୟେକ ବ୍ୟକ୍ତି ଧନକୁ ଏକତ୍ରିତ କରିବାରେ ବ୍ୟସ୍ତ ରହିଛି, ସେଠାରେ ଅଲ୍ଲାଃତାଲାଙ୍କ କୃପାରୁ ମୋର ଏହି ଅଭ୍ୟାସ ହୋଇଯାଇଛି ଯେ, ମୋ ହାତକୁ ଯେତେବେଳେ ଏବଂ ଯାହା ବି ଟଙ୍କା ପଇସା ଆସିଲା ତାହାକୁ ମୁଁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିଦେଇଥାଏ । ମୋର ସାଙ୍ଗସାଥିମାନେ ମୋତେ କୁହନ୍ତି ଆରେ ତୁମେ ଯେଉଁ ଈଶ୍ୱରଙ୍କ ମାର୍ଗରେ ଆର୍ଥିକ ବଳିଦାନ ଦେଉଛ ତାହାର କୌଣସି ଲାଭ ନାହିଁ । କିନ୍ତୁ ମୋ ଈଶ୍ୱର ସାକ୍ଷ୍ୟ ଅଟନ୍ତି ଯେ, ମୋ ଜୀବନ ଏଥି ସହିତ୍ (ଆର୍ଥିକ ବଳିଦାନ) ସହିତ ସଂଶ୍ଳିଷ୍ଟ ଅଟେ । ମୁଁ ନିଜ ଫିଲ୍ଡ଼ରେ (ଯେଉଁ ଶିକ୍ଷା ମୁଁ ପ୍ରାପ୍ତ କରିଛି ସେହି କ୍ଷେତ୍ରରେ ମୁଁ) ଚାକିରୀଟିଏ ଖୋଜୁଥିଲି । ମୁଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲି । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ଏବଂ ଚାନ୍ଦାର କଲ୍ୟାଣ ଯୋଗୁଁ ତାହା (ସେହି ସମସ୍ୟା ମୋର) ଦୂରୀଭୂତ ହୋଇଗଲା। ମୋ ପାଖରେ ରହିବା ନିମନ୍ତେ ଘର ଏବଂ ଠିକଣା ନଥିଲା । ଅଲ୍ଲାଃତାଲା ମୋତେ ରହିବା ନିମନ୍ତେ ଘର ଓ ଠିକଣା ମଧ୍ୟ ବ୍ୟବସ୍ଥା କରିଦେଲେ । ପୂର୍ବେ ମୋର ପକେଟ୍ ସର୍ବଦା ଖାଲି ରହୁଥିଲା । କିନ୍ତୁ ବର୍ତ୍ତମାନ ମୋ ପକେଟ ଅଲ୍ଲାଃତାଲାଙ୍କ କୃପାରୁ ସବୁବେଳେ ଭର୍ତ୍ତି ହୋଇ ରହୁଛି । ମୁଁ ଯେତେବେଳେ ବି ଚାନ୍ଦା ଦିଏ ଅଲ୍ଲାଃତାଲା କେଉଁଠୁ ନା କେଉଁଠି ପକେଟ ଭର୍ତ୍ତି କରି ଦିଅନ୍ତି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଭାରତର ଇନ୍‌ସ୍ପେକ୍ଟର୍ ସାହେବ ଉଲ୍ଲେଖ କରନ୍ତି: "ଜଣେ ମହୋଦୟ ବ୍ୟକ୍ତିଙ୍କ ୱକ୍‌ଫେ ଜଦିଦ୍‌ର ଚାନ୍ଦା 24,000 ଟଙ୍କା ଥିଲା। ୱକ୍‌ଫେ ଜଦିଦ୍‌ର ବର୍ଷ ଶେଷ ହେବାକୁ କିଛି ଦିନ ରହିଯାଇଥିଲା ସେ କହିଲେ, ମୋ ନିକଟରେ କିଛି ଟଙ୍କା ରହିଛି କିନ୍ତୁ ସେହି ଟଙ୍କା ମୁଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ରଖିଛି । ଅତଏବ୍ ଇନ୍‌ସ୍ପେକ୍ଟର୍ ସାହେବ ତାଙ୍କୁ କହିଲେ, ମହୋଦୟ ୱକ୍‌ଫେ ଜଦିଦ୍‌ର ବର୍ଷ ଶେଷ ହେବାକୁ ଆଉ କିଛି ଦିନ ରହିଯାଇଛି । ଆପଣ ଦେଖି ନିଅନ୍ତୁ ଆପଣ ଯେତେବେଳେ ଉଚିତ୍ ବୋଲି ମନେକରିବେ ସେତେବେଳେ ଚାନ୍ଦା ପୈଠ କରିଦେବେ । ଅର୍ଥାତ୍ ଇନ୍‌ସ୍ପେକ୍ଟର୍ ସାହେବଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଆପଣ ଏବେ ଦିଅନ୍ତୁ ଅବା ପରେ ଦିଅନ୍ତୁ । ଆପଣଙ୍କୁ ଯେତେବେଳେ ସୁବିଧା ହେବ ସେତେବେଳେ ଦିଅନ୍ତୁ । ସେହି ମହୋଦୟ ବ୍ୟକ୍ତି କହିଲେ, ଇନ୍‌ସ୍ପେକ୍ଟର୍ ସାହେବ ମୁଁ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖୁଛି ଏବଂ ସେ ସମସ୍ତ ଟଙ୍କା ଚାନ୍ଦାରେ ଦେଇଦେଲେ । ପରବର୍ତ୍ତୀ ଦିନ ମହୋଦୟ ଇନସ୍ପେକ୍ଟର୍ ସାହେବଙ୍କୁ ଫୋନ କଲେ ଯେ, ଇନସ୍ପେକ୍ଟର୍ ସାହେବ ! ବ୍ୟବସାୟରେ ମୋର ବହୁତ ଗୁଡ଼ାଏ ଟଙ୍କା ଫସି ରହିଥିଲା । ସେହି ଫସି ରହିଥିବା ଟଙ୍କା ମୋତେ କାଲି ମିଳିଗଲା । ଅର୍ଥାତ୍ ମୋତେ ସଂପୂର୍ଣ୍ଣ ଟଙ୍କା ତ' ମିଳିଲା ନାହିଁ । କିନ୍ତୁ ତହିଁରୁ ଅର୍ଦ୍ଧ ଅର୍ଥାତ୍ 50,000 ଟଙ୍କା ମୋତେ ମିଳିଗଲା । ଏତଦ୍‌ପରେ ଉକ୍ତ ମହୋଦୟ ଜଣକ ଅତିରିକ୍ତ ଟଙ୍କା ଦେବା ନିମନ୍ତେ ପ୍ରତିଶ୍ରୁତି ଲେଖାଇଲେ ଯେ, ଶୀଘ୍ର ଦେଇ ଦେବି । ତେବେ ଦେଖନ୍ତୁ ଅଲ୍ଲାଃତାଲା ତାଙ୍କୁ କହିଲେ, ଯେ, ଆଚ୍ଛା ତୁମେ ମୋ ସକାଶେ ଧନର ମୋହକୁ ତ୍ୟାଗ କରିଛ ଏବଂ ବ୍ୟକ୍ତିଗତ ଆବଶ୍ୟକତାକୁ ପରିହାର (ତ୍ୟାଗ ବା ଛାଡ଼ିଛ), ଜମାଅତୀୟ ଆବଶ୍ୟକାକତାକୁ ପୂରଣ କରିବା ନିମନ୍ତେ ତୁମେ ଉଦ୍ୟମ କରିଛି ତେଣୁ ମୁଁ ତୁମକୁ ସାହାଯ୍ୟ କରୁଛି । ମୁଁ ତୁମର ସାହା ହୋଇ ଯାଉଛି । ଏହିପରି ଭାବରେ ଅଲ୍ଲାଃତାଲା ସାହାଯ୍ୟ କରିଥାଆନ୍ତି ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଜମାଅତ୍ ଅହେମଦିୟାରେ ଅଲ୍ଲାଃତାଲାଙ୍କ କୃପାରୁ ଯେଉଁ ଖର୍ଚ୍ଚଗୁଡ଼ିକ ହେଉଅଛି ସେଥି ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ ଏହିପରି କହିଛନ୍ତି ଯେ, ସଂସାରଲୋକରେ ଏପରି କୌଣସି ଅବତାର ଅତିକ୍ରାନ୍ତ ହୋଇ ନାହିଁ ଯିଏ ଜମାଅତୀୟ ବ୍ୟବସ୍ଥାକୁ ପରିଚାଳିତ କରିବା ନିମନ୍ତେ ଆର୍ଥିକ ଆହ୍ୱାନ ଦେଇ ନଥିବ । ଜମାଅତ୍ ଅହେମଦିୟାରେ ମଧ୍ୟ ଜମାଅତୀୟ ବ୍ୟବସ୍ଥାକୁ ପରିଚାଳିତ କରିବା ନିମନ୍ତେ ତେହ୍‌ରିକାତ୍ (ଆହ୍ୱାନ) କରିବାକୁ ପଡ଼ିଥାଏ । ତେହ୍‌ରିକେ ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍‌ର ଯେଉଁ ଚାନ୍ଦା ରହିଛି ସେହି ଚାନ୍ଦାଗୁଡ଼ିକ ବିଶିଷ ରୂପେ ମର୍କଜ୍ (କେନ୍ଦ୍ର) କାଦିୟାନ୍‌କୁ ଆସିଥାଏ ଏବଂ ଅବଶିଷ୍ଟ ଟଙ୍କା ବା ଚାନ୍ଦାର ସ୍ଥାନୀୟ ରାଷ୍ଟ୍ରମାନଙ୍କରେ ବ୍ୟୟ ହୋଇ ଯାଇଥାଏ । କିନ୍ତୁ ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ଲୋକମାନେ ଏତେ ଧନୀ ନୁହନ୍ତି । **(ଅବଶିଷ୍ଟାଂଶ..ପରବର୍ତ୍ତୀ ଅର୍ଥାତ୍ ପୃ-10ରେ)**

## ସଦର୍ ଅଞ୍ଜୁମନ୍ ଅହେମଦିୟା, ତେହ୍‌ରିକେ ଜଦିଦ୍, ଅଞ୍ଜୁମନ୍ ୱକ୍‌ଫେ ଜଦିଦ୍ ଏବଂ ଜେଲି (ଅଧୀନସ୍ଥ) ତନଜିମାତ୍ (ଗୋଷ୍ଠୀ) କାଦିୟାନ୍‌ର କାର୍ଯ୍ୟାଳୟମାନଙ୍କରେ, ଆର୍ଥିକ/କେୟାର ଟେକର୍/ଚୌକିଦାର (ଜଗୁଆଳୀ)/ରୋଷେୟା/ରୁଟି ସେକାଳୀ/ମସ୍‌ଜିଦ୍‌ର ସେବାକ ଇତ୍ୟାଦି ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କର ଆବଶ୍ୟକତା ରହିଛି

**ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :**

(1) ପ୍ରାର୍ଥୀର ବୟସ 40 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ ଉଚିତ୍ ।

(2) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ୍ତ ନାହିଁ । କିନ୍ତୁ ଶିକ୍ଷିତ ପ୍ରାର୍ଥୀଙ୍କୁ ହିଁ ପ୍ରାଧାନ୍ୟ ଦିଆଯିବ ।

(3) ସାପ୍ତାହିକ ବଦର୍‌ରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ।

(4) ଯେଉଁ ପ୍ରାର୍ଥୀମାନେ ମର୍କଜି ପଦବୀ ପୂରଣ କମିଟିଙ୍କ ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ ସଫଳ ହେବେ ସେହି ପ୍ରାର୍ଥୀମାନେ ସେବା ନିମନ୍ତେ ଯୋଗ୍ୟ ବିବଚିତ ହେବେ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ରୁ ମେଡ଼ିକାଲ (ଡାକ୍ତରୀ) ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ।

(6) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବା (ରହଣୀ) ନିମନ୍ତେ ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) ଯାତ୍ରା ବା ଗସ୍ତ ଖର୍ଚ୍ଚ, କାଦିୟାନ୍ ଯିବା ଆସିବା ଖର୍ଚ୍ଚ ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍:** ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ନିମ୍ନ ଲିଖିତ ଠିକଣାରେ ଯୋଗଯୋଗ କରନ୍ତୁ**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 0988232530, କାର୍ଯ୍ୟାଳୟ:- 01872-501130, Email:diwan@qadian.in**

☆☆☆

## କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଠାରେ ଆଡ଼୍‌ମିଶନ ନିମନ୍ତେ ଘୋଷଣା ଶିକ୍ଷାବର୍ଷ: 2025-2026

**(ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, ବର୍ତ୍ତମାନ ଆଡ଼୍‌ମିଶନ (ପ୍ରବେଶ ଗ୍ରହଣ) ପ୍ରକ୍ରିୟା ଆରମ୍ଭ ହୋଇଯାଇଛି)**

**(Ahmadiyya vocational training centre)**

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷରେ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଆଡ଼୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ଏତଦ୍‌ଭିନ୍ନ Personality development ଏବଂ English Speaking କ୍ଲାସ୍ ମଧ୍ୟ ନିଆଯାଇଥାଏ। ନୂତନ ସେଶନ୍ (ଶିକ୍ଷାବର୍ଷ) 2025-26 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ 16 ଜୁଲାଇ 2025 ଠାରୁ ଆରମ୍ଭ ହୋଇଯିବ । ଅଧିକ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗା ଯୋଗ କରନ୍ତୁ- darulsanaat.qadian@gmail.com, 9872725895, 8604024043,

**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

କିନ୍ତୁ ଏସବୁ ସତ୍ତ୍ୱେ ସେମାନେ ଚାନ୍ଦା ଦିଅନ୍ତି। କିନ୍ତୁ ଖର୍ଚ୍ଚ ବହୁତ ଅଧିକ ରହିଛି । ଆମ ଜମାଅତ୍ର ସମଗ୍ର ପୃଥିବୀରେ ଯେତିକ ମିଶନ୍ ହାଉସ୍‌ଗୁଡ଼ିକ ରହିଛି । ଆଫ୍ରିକାରେ ବର୍ତ୍ତମାନେ 7953ଟି ମସ୍‌ଜିଦ୍ ନିର୍ମିତ ହୋଇ ସାରିଛି ଏବଂ 306ଟି ମସ୍‌ଜିଦ୍ ନିର୍ମାଣାଧୀନ ରହିଛି । ସେହିପରି ପ୍ରତ୍ୟେକ ବର୍ଷ ଦ୍ୱାଦଶରୁ ଉର୍ଦ୍ଧ୍ୱ ମସ୍‌ଜିଦ୍ ନିର୍ମାଣ ହେବାର ଯୋଜନା ପ୍ରସ୍ତୁତ ହୋଇଥାଏ । 1860 ମିଶନ୍ ହାଉସ୍ ବର୍ତ୍ତମାନ ଜାରି ରହିଛି । କେତେକ ମିଶନ୍ ହାଉସ୍ ଭଡ଼ାରେ ରହିଛି ତ' ଆଉ କେତେକ ମିଶନ୍ ହାଉସ୍ ନିଜର ରହିଛି । ମର୍କଜି ମୁବଲ୍ଲିଗିନ୍‌ମାନେ 400 ସଂଖ୍ୟକ ସେଠାରେ କାର୍ଯ୍ୟ କରୁଛନ୍ତି । 2000ରୁ ଉର୍ଦ୍ଧ୍ୱ ମୁଅଲ୍ଲିମିନ୍‌ମାନେ ସେଠାରେ କାର୍ଯ୍ୟରତ ଅଟନ୍ତି ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପୁନଶ୍ଚ କାଦିୟାନ୍ ରହିଛି, ଦକ୍ଷିଣ ଆମେରିକାର ଦେଶମାନଙ୍କରେ, ଅଲ୍ ଯଜାଏର୍ (ଉପଦ୍ୱୀପ) ଠାରେ ମର୍କଜ୍ ପକ୍ଷରୁ ଅର୍ଥ ବ୍ୟୟ କରାଯାଇଥାଏ । ସେଠାରେ ସେମାନଙ୍କର ଖର୍ଚ୍ଚ ପୂରଣ ହେଉ ନାହିଁ । ମିଶନର ଖର୍ଚ୍ଚ ପୂରଣ କରିବା ନିମନ୍ତେ running expenditure (ଜାରି ଖର୍ଚ୍ଚ) ଅତ୍ୟଧିକ ହୋଇଥାଏ । ଲିଟ୍ରେଚର ବଣ୍ଟନ ନିମନ୍ତେ ଖର୍ଚ୍ଚ ରହିଛି, ବେଳେବେଳେ ଏଠାରୁ (ଲଣ୍ଡନରୁ) ମଧ୍ୟ ଲିଟ୍ରେଚର ପ୍ରେରଣ କରାଯାଇଥାଏ । ବଡ଼ ବଡ଼ ପୁସ୍ତକ ବ୍ୟତୀତ ତନ୍ମଧ୍ୟରୁ ଅନେକ ପୁସ୍ତକ ମାଗଣାରେ ବଣ୍ଟା ଯାଇଥାଏ, ଛୋଟ ଛୋଟ ଲିଟ୍ରେଚର ମାଗଣାରେ ଦିଆଯାଇଥାଏ । ସେହିପରି କେତେକ ଲିଟ୍ରେଚରଗୁଡ଼ିକ ସେଠାରେ ପ୍ରକାଶିତ ମଧ୍ୟ ହୋଇଥାଏ । ଏହି ସମସ୍ତ ଅର୍ଥ ଅଲ୍ଲାଃତାଲାଙ୍କ କୃପାରୁ ଖର୍ଚ୍ଚ ତଥା ବ୍ୟୟ ହେବା ନିମନ୍ତେ ଦିଆଯାଇଥାଏ । ବେଳେବେଳେ ବୁଝିହୁଏ ନାହିଁ ଯେ, ଏତେ ବ୍ୟାପକ କାର୍ଯ୍ୟକ୍ରମ ରହିଛି, ଏତେ ଖର୍ଚ୍ଚ ହେଉଛି ଏବଂ ଆୟ କିନ୍ତୁ ସ୍ୱଳ୍ପ ରହିଛି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମର୍କଜ୍‌କୁ ଯେଉଁ ଚାନ୍ଦା ଆସୁଛି ତେହରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଯଦି ଉକ୍ତ ଚାନ୍ଦାକୁ ମିଶାଇ ଦିଆଯାଏ ତେବେ ତାହା ପ୍ରାୟ 31 ମିଲିୟନ୍ ପାଉଣ୍ଡ ହେବ । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ହିଁ ଏସବୁ ଅର୍ଥ ବ୍ୟୟ ହେଉଛି । 10ଟି ଦେଶର ମିଶନ ହାଉସ୍‌ଗୁଡ଼ିକୁ ଯେଉଁ ଗ୍ରାଣ୍ଟ୍ ଦିଆଯାଇଥାଏ ତାହା ପ୍ରାୟ ଏହି ଚାନ୍ଦା ତୁଲ୍ୟ ହେବ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ପୁନଶ୍ଚ ଯାମିୟା ଅହେମଦିୟା ଶିକ୍ଷାନୁଷ୍ଠାନଗୁଡ଼ିକ ରହିଛନ୍ତି । ସେଠାରେ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ । ସେହି ଯାମିୟା ଅହେମଦିୟା ଶିକ୍ଷାନୁଷ୍ଠାନଗୁଡ଼ିକୁ ଗ୍ରାଣ୍ଟ୍ ପ୍ରଦାନ କରାଯାଇଥାଏ । ସେହିପରି ଏମ.ଟି.ଏ ରହିଛି । ଏମ୍.ଟି.ଏରେ ମଧ୍ୟ ଲକ୍ଷାଧିକ ଏବଂ କୋଟି କୋଟି ଟଙ୍କା ବ୍ୟୟ ହୋଇଥାଏ । ଏତଦ୍‌ପରେ ମର୍କଜ୍‌ର ଖର୍ଚ୍ଚ ରହିଛି । ଏହି ସମସ୍ତ ଖର୍ଚ୍ଚଗୁଡ଼ିକୁ ଅଲ୍ଲାଃତାଲା ସଂପୂର୍ଣ୍ଣ କରି ଥାଆନ୍ତି । କାରଣ କିଛି ବୁଝି ହୁଏ ନାହିଁ ଯେ, ଏହି ଖର୍ଚ୍ଚ ଗୁଡ଼ିକ କିପରି ପୂର୍ଣ୍ଣ ହେଉଅଛି ? ବେଳେବେଳେ ମନ ମଧ୍ୟରେ ଏହି ଧାରଣା ଜାତ ହୁଏ ଯେ, ଏହି ସମସ୍ତ ଖର୍ଚ୍ଚଗୁଡ଼ିକ ଅତ୍ୟଧିକ ଖର୍ଚ୍ଚ ଅଟନ୍ତି। ଏହା କିପରି ପୂର୍ଣ୍ଣ ହେଉଛି ତାହା ଅଲ୍ଲାଃତାଲା ହିଁ ଜାଣନ୍ତି । କିନ୍ତୁ ଅଲ୍ଲାଃତାଲା ନିଜ କୃପା ଦ୍ୱାରା ଖର୍ଚ୍ଚଗୁଡ଼ିକୁ ପୂର୍ଣ୍ଣ କରି ଚାଲିଛନ୍ତି ଏବଂ ତହିଁରେ କୌଣସି ହ୍ରାସ କରନ୍ତି ନାହିଁ । ଉକ୍ତ ମିଶନ ଅଲ୍ଲାଃତାଲାଙ୍କ କୃପାରୁ ଅବ୍ୟାହତ ରହିଛି । ଏହା ଉପରେ କାମ ଚାଲିଛି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ଏହା ହିଁ କହିଥିଲେ ଯେ, ହେ ପ୍ରତିଶୃତ ମସିହ୍ ! ମୁଁ ତୋତେ ଧନ ସମ୍ପଦ ତ' ଅବଶ୍ୟ ଦେବି । ସେହି ଅର୍ଥ ଅଲ୍ଲାଃତାଲା ହିଁ ଦେଉଛନ୍ତି । ଅଲ୍ଲାଃତାଲା ଜମାଅତ୍‌କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ କି ଜମାଅତ୍ ମଧ୍ୟ ଏହି ସମସ୍ତ ଖର୍ଚ୍ଚକୁ ସଠିକ୍ ରୂପେ ବିନିଯୋଗ ଏବଂ ଖର୍ଚ୍ଚ କରୁ । ତହିଁରେ କୌଣସି ଅନିୟମିତତା ଯେପରି ପରିଲକ୍ଷିତ ନହେଉ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ତୁମ ନିମନ୍ତେ ଏହା ସମ୍ଭବ ନୁହେଁ ଯେ, ତୁମେ ଧନକୁ ବି ଭଲ ପାଇବ ଓ ଈଶ୍ୱରଙ୍କୁ ମଧ୍ୟ ଭଲ ପାଇବ । ତୁମେ କେବଳ ଗୋଟିଏ ଜିନିଷକୁ ହିଁ ଭଲ ପାଇ ପାରିବ । ସେହି ଜିନିଷ ହେଉଛି ଅଲ୍ଲାଃତାଲା । ସୁତରାଂ ସୌଭାଗ୍ୟଶାଳୀ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ଈଶ୍ୱରଙ୍କ ଭଲ ପାଆନ୍ତି । ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ଈଶ୍ୱରଙ୍କୁ ପ୍ରେମ କରେ ତେବେ ସେହି ବ୍ୟକ୍ତି ତାହାଙ୍କ ମାର୍ଗରେ ହିଁ ନିଜର ପ୍ରିୟ ଧନକୁ ବ୍ୟୟ କରିଦେବ । ସୁତରାଂ ମୁଁ ଏହି ବିଶ୍ୱାସ ରଖୁଛି ଯେ, ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ସକାଶେ ଈଶ୍ୱରଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରେ ତେବେ ସେହି ବ୍ୟକ୍ତିର ଧନ ସମ୍ପଦରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଅଜସ୍ର କଲ୍ୟାଣ ଅଲ୍ଲାଃତାଲା ପ୍ରଦାନ କରିବେ । କାରଣ ଧନ ବା ଅର୍ଥ ଆପେ ଆପେ ଆସି ନଥାଏ ବରଂ ତାହା ଈଶ୍ୱରଙ୍କ ଇଚ୍ଛା ଦ୍ୱାରା ହିଁ ଆସିଥାଏ । ଅତଏବ୍ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ନିମନ୍ତେ ଧନର କେତେକ ଅଂଶକୁ ପରିତ୍ୟାଗ କରିଦିଏ ତେବେ ସେହି ବ୍ୟକ୍ତି ପ୍ରଭୁଙ୍କର ସାମୀପ୍ୟତା ଏବଂ କଲ୍ୟାଣକୁ ଅବଶ୍ୟ ପ୍ରାପ୍ତ କରିନେବ । କିନ୍ତୁ ଯେଉଁ ବ୍ୟକ୍ତି ଧନକୁ ବି ଭଲ ପାଏ ଏବଂ ଈଶ୍ୱରଙ୍କ ମାର୍ଗରେ ଯେଉଁ ସେବା କର୍ମ କରିବା କଥା ସେହି ସେବା ଏବଂ କର୍ମ ସମ୍ପାଦନ କରେ ନାହିଁ ତେବେ ସେହି ବ୍ୟକ୍ତି ଉକ୍ତ ଧନ ବା ଅର୍ଥକୁ ଅବଶ୍ୟ ହରାଇ ଦେବ । ତୁମେମାନେ ଏହା ମନେକର ନାହିଁ ଯେ, ଧନ ତୁମମମାନଙ୍କର ଉଦ୍ୟମ ଦ୍ୱାରା ଆସିଥାଏ । ବରଂ ଧନ ଈଶ୍ୱରଙ୍କ ପକ୍ଷରୁ ହିଁ ଆସିଥାଏ ଏବଂ ତୁମେମାନେ ଏହା ବିଚାର କର ନାହିଁ ଯେ, ତୁମେମାନେ ନିଜ ଧନର ଏକ ଅଂଶ କିମ୍ବା କୌଣସି ରୂପରେ କୌଣସି ସେବା ସମ୍ପାଦନ କରି ଈଶ୍ୱର ଓ ତାହାଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତାବହଙ୍କ ଉପରେ କିଛି ଉପକାର କରୁଛ । ନା । ବରଂ ଏହା ହେଉଛି ଈଶ୍ୱରଙ୍କ ଉପକାର ଏବଂ କୃପା ଯେ, ସେ ତୁମମମାନଙ୍କୁ ସେବା କରିବା ନିମନ୍ତେ ଅବସର ପ୍ରଦାନ କରୁଛନ୍ତି ଏବଂ ତୁମମାନଙ୍କୁ ସେବା କରିବା ନିମନ୍ତେ ଆମନ୍ତ୍ରିତ କରୁଛନ୍ତି । ମୁଁ ସତ ସତ କହୁଛି ଯେ, ଯଦି ତୁମେମାନେ ସମସ୍ତେ ମୋତେ ଛାଡ଼ିଦିଅ ଏବଂ ସେବା ଓ ସାହାଯ୍ୟ କରିବାରୁ ନବୃତ୍ତ ହୋଇଯାଅ । ଅର୍ଥାତ୍ ସେବା ଓ ଆର୍ଥିକ ସାହଯ୍ୟରୁ ନିଜକୁ ପ୍ରତ୍ୟାହାର କରିନିଅ ତେବେ ଈଶ୍ୱର ଏମିତି ଏକ ଜାତି ସୃଷ୍ଟି କରିବେ ଯିଏ ସେହି ଈଶ୍ୱରଙ୍କ ସେବା ସମ୍ପାଦନ କରିବ । ତୁମେ ନିଃସନ୍ଦେହ ରୂପେ ଏହା ଜାଣିନିଅ କି ଉକ୍ତ କାର୍ଯ୍ୟ ଆକାଶଲୋକରୁ ଧାର୍ଯ୍ୟ ହୋଇଛି ଏବଂ ତୁମମାନଙ୍କର ସେବା କେବଳ ତୁମମାନଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଅଟେ। ତେଣୁ ଏପରି ନହେଉ କି ତୁମେମାନେ ନିଜ ମନରେ ଗର୍ବଭାବ ଜାତ ହେବ ଯେ, ତୁମେମାନ ଆର୍ଥିକ ବଳିଦାନ କିମ୍ବା ଅନ୍ୟ ପ୍ରକାରର ସେବା କରୁଛ । ମୁଁ ତୁମମାନଙ୍କୁ ବାରମ୍ବାର କହୁଛି ଯେ, ଈଶ୍ୱରଙ୍କୁ ତୁମମାନଙ୍କ ସେବାର ଆବଶ୍ୟକତା ନାହିଁ । ହଁ ଏହା ପ୍ରଭୁଙ୍କର ତୁମମାନଙ୍କ ଉପରେ କୃପା ଯେ, ସେ ତୁମମାନଙ୍କୁ ସେବା କରିବା ନିମନ୍ତେ ସୁଯୋଗ (ଅବସର) ପ୍ରଦାନ କରୁଛନ୍ତି ।"

**(ମଜ୍‌ମୁଆ ଇସ୍ତିହାରାତ୍, ଭାଗ-3, ପୃ-497-498)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ ବିଗତ ବର୍ଷ ଚାନ୍ଦା ୱକ୍‌ଫେ ଜଦିଦ୍‌ର ପରିସଂଖ୍ୟାନ ସଂପର୍କରେ ଚର୍ଚ୍ଚା କରି ଦେଉଛି । ଅଲ୍ଲାଃତାଲାଙ୍କ କୃପାରୁ ୱକ୍‌ଫେ ଜଦିଦ୍‌ର 67 ତମ ଆର୍ଥିକ ବର୍ଷ ଡିସେମ୍ବର ମାସ 31 ତାରିଖ ଦିନ ସମାପ୍ତ ହେଲା ଏବଂ ନୂତନ ବର୍ଷ ଅର୍ଥାତ୍ ଜାନୁୟାରୀ ମାସ (ପହିଲା)୧ ତାରିଖ ଠାରୁ 68 ତମ ବର୍ଷର ପ୍ରାରମ୍ଭ ହୋଇଯାଇଛି । 2024 ମସିହାରେ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌କୁ 1 କୋଟି 36 ଲକ୍ଷ 81 ହଜାର ପାଉଣ୍ଡ ଆର୍ଥିକ ବଳିଦାନ ଦେବା ପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଅର୍ଥାତ୍ ପ୍ରାୟ 14 ମିଲିୟନ୍ ପାଉଣ୍ଡ। ଉକ୍ତ ଆଦାୟ ବିଗତ ବର୍ଷ ତୁଳନାରେ 07 ଲକ୍ଷ 36 ହଜାର ପାଉଣ୍ଡ ଅତିରିକ୍ତ ଅଟେ। **ଅଲ୍‌ହମ୍‌ଦୁଲିଲ୍ଲାଃ** । ତତ୍‌ସହିତ ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ ୱକ୍‌ଫେ ଜଦିଦ୍‌ର ନୂତନ ଆର୍ଥିକ ବର୍ଷର ମଧ୍ୟ ଘୋଷଣା କରୁଛି ।

ଉକ୍ତ ଚାନ୍ଦାରେ ବଳିଦାନ ଦୃଷ୍ଟିରୁ, ଅର୍ଥ ଦୃଷ୍ଟିରୁ ଏବଂ ଆଦାୟ ଦୃଷ୍ଟିରୁ ପୃଥିବୀ ବ୍ୟାପୀ ବ୍ରିଟେନ୍‌ର ଜମାଅତ୍ ଚଳିତ ବର୍ଷ ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଏହାପରେ ଦ୍ୱିତୀୟ ସ୍ଥାନରେ କାନାଡ଼ା ରହିଛି । କାନାଡ଼ା ବାଲା ଓ ବ୍ରିଟେନ୍‌ମାନଙ୍କ ମଧ୍ୟରେ କଡ଼ା ଟକ୍କର ଜାରି ରହିଛି । କାନାଡ଼ା ମଧ୍ୟ ଭଲ ଅଭିବୃଦ୍ଧ କରିଛି । କାନାଡ଼ାବାସୀମାନେ ମଧ୍ୟ ନିଜର ବଳିଦାନରେ ଅଭିବୃଦ୍ଧି କରିଛନ୍ତି । କିନ୍ତୁ ଏମାନେ ବ୍ରିଟେନ୍‌ବାସୀଙ୍କ ଠାରୁ ପଛରେ ରହିଛନ୍ତି । ପୁନଶ୍ଚ ତୃତୀୟରେ ଜର୍ମାନୀ ରହିଛି । ଚତୁର୍ଥରେ ଆମେରିକା, ପଞ୍ଚମରେ, ଭାରତ, ଷଷ୍ଠରେ ଅଷ୍ଟ୍ରେଲିୟା, ସପ୍ତମରେ ମିଡ଼ିଲ୍ ଇଷ୍ଟ୍‌ର ଏକ ଜମାଅତ୍, ଅଷ୍ଟମରେ ଇଣ୍ଡୋନେସିଆ, ନବମରେ ମିଡ଼ିଲ୍ ଇଷ୍ଟ୍‌ର ଆଉ ଏକ ଜମାଅତ୍, ଦଶମରେ ବେଲ୍‌ଜିୟମ୍ ।

ଆଫ୍ରିକାର ସାମଗ୍ରିକ ଆଦାୟ ଦୃଷ୍ଟିରୁ ପ୍ରଥମ ୧୦ଟି ଜମାଅତ୍ ହେଲେ; ଘାନା, ମରେଶିୟସ୍, ବୁର୍କିନାଫାସୋ । ବୁର୍କିନାଫାସୋର ପରିସ୍ଥିତି ଅତ୍ୟନ୍ତ ଖରାପ ଓ ଭୟାବହ ରହିଛି । ବୁର୍କିନାଫାସୋର ଅନେକ ସ୍ଥାନ ଏବଂ ଜମାଅତରୁ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ରିପୋର୍ଟସ୍ ହସ୍ତଗତ ହୋଇପାରି ନାହିଁ । କାରଣ ଯୋଗାଯୋଗ ହୋଇପାରୁ ନଥିଲା। ଏହାପରେ ତାନ୍‌ଜାନିୟା ରହିଛି, ଲାଇବେରିୟା, ପୁନଶ୍ଚ ଗ୍ୟାମ୍ବିୟା, ନାଇଜିରିୟା ରହିଛି, ସେରାଲିଓନ୍, ବେନିନ୍, କଙ୍ଗୋ କିନ୍‌ଶାସା ।

ୱକ୍‌ଫେ ଜଦିଦ୍‌ର ଆର୍ଥିକ ବ୍ୟବସ୍ଥାରେ (ଚାନ୍ଦାରେ) ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ସଂପର୍କରେ ଯେଉଁ ରିପୋର୍ଟସ୍ ପ୍ରାପ୍ତ ହୋଇଛି ତଦନୁଯାୟୀ 51 ହଜାର ଏବଂ ବିଗତ ବର୍ଷରୁ ଚାନ୍ଦା ଦେଉଥିବା ବ୍ୟକ୍ତିଙ୍କ ସଂଖ୍ୟାରେ ମଧ୍ୟରେ ଅଭିବୃଦ୍ଧି ଘଟିଛି । ଏହି ଚାନ୍ଦା ପୈଠକାରୀମାନେ ପ୍ରତିକୂଳ ପରିସ୍ଥିତ ସତ୍ତ୍ୱେ ବଳିଦାନ ଦେଉଛନ୍ତି ଏବଂ ପାକିସ୍ତାନର ଲୋକମାନେ ମଧ୍ୟ ଚାନ୍ଦା ପୈଠକାରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି କରିଛନ୍ତି । ଅତଏବ୍ ଅଂଶଗ୍ରହଣକାରୀ ଏବଂ ପୈଠକାରୀଙ୍କ ସଂଖ୍ୟା ଅଭିବୃଦ୍ଧ ଦୃଷ୍ଟିରୁ ଯେଉଁ ଦେଶ ଚେଷ୍ଟା

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ କୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

କରିଛନ୍ତି ସେମାନେ ହେଲେ- ନାଇଜିରିଆ, କ୍ୟାମ୍ରୁନ୍, ସେରାଲିଓନ୍, ଗ୍ୟାମ୍ବିଆ, କଙ୍ଗୋ, ବ୍ରାଜ୍ୱେଲ୍ ପ୍ରଭୃତି ରାଷ୍ଟ୍ରମାନେ ଉଲ୍ଲେଖଯୋଗ୍ୟ ଅଟନ୍ତି ।

ଆଦାୟ ଦୃଷ୍ଟିରୁ ବ୍ରିଟେନ୍‌ର ଦଶଟି ବଡ଼ ଜମାଅତ୍ ହେଲେ, ଫାର୍ଣ୍ଣହ୍ୟାମ (Farnham), ୱୋର୍‌ଷେଷ୍ଟର୍ ପାର୍କ (Worcester Park), ଇସ୍‌ଲାମାବାଦ୍ (Islamabad), ୱାଲସାଲ୍ (Walsall), ଆଲଡ଼ର୍ ଶଟ୍ ସାଉଥ୍ (Alder shot south), ଏଶ୍ (Ash), ସାଉଥ୍ ଚେମ୍ (South Cheam), ଜିଲିଂଘମ୍ (Gillingham), ଆଲଡ଼ର୍ ଶଟ୍ ନର୍ଥ୍ (Alder shot North), ଇୱେଲ୍ (Ewell) ।

ପ୍ରଥମ 5ଟି ଅଞ୍ଚଳ ମଧ୍ୟରେ ଇସ୍‌ଲାମାବାଦ ରିଜନ୍ ପ୍ରଥମ ସ୍ଥାନରେ ରହିଛି, ବୈତୁଲ୍ ଫୁତୁହ୍ ଦ୍ୱିତୀୟ ସ୍ଥାନରେ ରହିଛି, ପୁନଶ୍ଚ ତୃତୀୟରେ ମିଡ଼ଲ୍ୟାଣ୍ଡସ୍ (Midlands), ଚତୁର୍ଥରେ ମସଜିଦ୍ ଫଜଲ୍ ରହିଛି, ପଞ୍ଚମରେ ବୈତୁଲ୍ ଏହସାନ୍ ରହିଛି । ଦଫ୍‌ତର୍ ଅୱଲ୍ ହେଉଛି ୱକଫେ ଜଦିଦର ପୃଥକ୍ ଦଫ୍‌ତର୍ । ଉକ୍ତ ଦଫ୍‌ତର୍ ଦୃଷ୍ଟିରୁ ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, ଆଲଡ଼ର୍ ଶଟ୍ ନର୍ଥ୍ (Aldershot North), ଫାର୍ଣ୍ଣହ୍ୟାମ (Farnham), ଏଶ୍ (Ash), ଆଲଡ଼ର୍ ଶଟ୍ ସାଉଥ୍ (Aldershot south), ବୋର୍ଡ଼ନ୍, ସାଉଥ୍ ଚେମ୍ (South Cheam) ଇସ୍‌ଲାମାବାଦ୍ (Islamabad), ରୋଏହ୍ୟାମ୍ପଟନ୍ ଭେଲ୍ (Roehampton Vale), ୱାଲସଲ୍ ଇତ୍ୟାଦି।

ଆଦାୟ ଦୃଷ୍ଟିରୁ କାନାଡ଼ାର ରାଜ୍ୟମାନେ ହେଲେ, ଭନ୍ (Vaughn), କ୍ୟାଲଗିରୀ (Calgary), ପିସ୍ ଭିଲେଜ୍ (Peace Village), ୱ୍ୟାଙ୍କଓଭର୍ (Vancouver), ବ୍ରାମ୍ପଟନ୍ ୱେଷ୍ଟ (Brampton-West), ଟରେଣ୍ଟୋ (Toronto), ରେଜାଇନା (Regina) ।

କାନାଡ଼ାର ଦଶଟି ବଡ଼ ବଡ଼ ଜମାଅତ୍‌ମାନେ ହେଲେ, ମିଲଟନ୍ ଇଷ୍ଟ (Milton East), ବୈତୁର୍ ରହମାନ୍, ସିସ୍କାଟୁନ୍, ଡରହମ୍ ୱେଷ୍ଟ (Duham West) ମିଲଟନ୍ ୱେଷ୍ଟ (Milton West), ଓଟାୱା ୱେଷ୍ଟ (Ottawa West), ରେଜାଇନା (Regina), ମନ୍ତ୍ରିୟାଲ୍ ୱେଷ୍ଟ, ପୁନଶ୍ଚ ବୈତୁଲ୍ ଆଫିୟତ୍ ସିସ୍କାଟୁନ୍, ୱିନି ପିଗ୍, ଏର୍ଡ୍ରୀ, ଲଏଡ଼୍ ମିନିଷ୍ଟର୍, ନ୍ୟୁଫାଉଣ୍ଡଲ୍ୟାଣ୍ଡ ପ୍ରଭୃତି ଜମାଅତ୍‌ମାନେ ଅନ୍ୟତମ ଅଟନ୍ତି ।

ଦଫ୍‌ତର୍ ଅତ୍‌ଫାଲ୍‌ରେ ଯେଉଁ ଶୀର୍ଷ ରାଜ୍ୟମାନେ ରହିଛନ୍ତି ତନ୍ମଧ୍ୟରେ ଭନ୍ (Vaughn), ଟରେଣ୍ଟୋ ୱେଷ୍ଟ (Toronto West), ୱ୍ୟାଙ୍କଓଭର (Vancouver), ପିସ୍ ଭିଲେଜ୍ (Peace Village), କ୍ୟାଲଗିରୀ (Calgary), ମିସିସାଗା (Misssisauga), ବ୍ରାମ୍ପଟନ୍ ଇଷ୍ଟ (Brampton-East), ଟରେଣ୍ଟୋ (Toronto), ବ୍ରାମ୍ପଟନ୍ ୱେଷ୍ଟ (Brampton-West), ଟରେଣ୍ଟୋ (Toronto) । ଦଫ୍‌ତର୍ ଅତଫାଲର ଜମାଅତ୍‌ମାନଙ୍କ ମଧ୍ୟରେ ଯେଉଁ ଜମାଅତ୍ ଶୀର୍ଷରେ ଅଛନ୍ତି ସେମାନେ ହେଲେ- ଡରହମ୍ ୱେଷ୍ଟ (Durham West), ବ୍ରାଡ୍‌ଫର୍ଡ଼ ଇଷ୍ଟ, ମଣ୍ଟ ରିୟାଲ୍ ୱେଷ୍ଟ (Montreal West), ହ୍ୟାମିଲଟନ୍ ଇଷ୍ଟ (Hamilton East), ହ୍ୟାମିଲଟନ୍ ମାଉଣ୍ଟେନ୍ (Hamilton Mountain), ଇନସ୍‌ଫିଲ୍ (Insfil), ମିଲଟନ୍ ୱେଷ୍ଟ (Milton West), ୱିଣ୍ଡସର୍ ଇତ୍ୟାଦି ।

ଜର୍ମାନୀର ପାଞ୍ଚଟି ସ୍ଥାନୀୟ ରାଜ୍ୟ ହେଲେ, ପ୍ରଥମରେ ହ୍ୟାମ୍ବର୍ଗ (Hamburg), ଦ୍ୱିତୀୟରେ ଫ୍ରାଙ୍କଫର୍ଟ (Frankfurt), ତୃତୀୟରେ ୱିଜ୍‌ବାଦନ୍ (Wiesbaden), ଗ୍ରସ୍ ଗେରାଉ (Gros Gerau), ରେଡ଼୍ ଷ୍ଟେଟେଡ଼୍ (Riedstadt) ।

ଜର୍ମାନୀର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, ରୋଏଡ଼ମାର୍କ (Roede mark), ରୋଡ଼୍‌ଗାଉ (Rodgau), ନିଡ୍ଡ଼ା (Nidda), ରୋଏଡ଼୍‌ମାର୍କ (Rodermark), ଫ୍ଲୋରିସ୍ ହାଏମ୍ (Florsheim), ନୁଇୱେଡ୍ (Neuwied) ଫ୍ରେଡ୍‌ବର୍ଗ, କୋବ୍‌ଲେନଜ୍ (Koblenz), ୱେନ୍ ଗାର୍ଟେନ୍ (Weingarten) ପିନ୍‌ବର୍ଗ, ବର୍ଲିନ୍ (Berlin), ପିନିବର୍ଗ (Pinneberg) (Friedberg), ନିଉଅସ୍ (Neuss) ଇତ୍ୟାଦି ।

ଦଫ୍‌ତର୍ ଅତ୍‌ଫାଲର ପାଞ୍ଚଟି ଅଞ୍ଚଳ ହେଲେ- ୱିଜ୍‌ବାଦିନ୍, ହ୍ୟାମ୍ବର୍ଗ, ହେସିନ୍ ଜୁଦ୍ ୱେଷ୍ଟ, ୱେଷ୍ଟ ଫଲେନ୍, ଡେସ୍‌ନାବାଖ୍ ଇତ୍ୟାଦି ।

ଆମେରିକାର ଦଶଟି ଜମାଅତ୍‌ମାନେ ହେଲେ- ମ୍ୟାରୀଲାଣ୍ଡ (Maryland), ଲସ୍ ଏଞ୍ଜେଲସ୍ (Los Angeles), ନର୍ଥ ଭର୍ଜିନିୟା (North Virginia), ସିଲିକନ୍ ଭ୍ୟାଲୀ (Silicon Valley), ସିୟାଟେଲ୍ (Seattle), ଡେଟ୍ରଏଟ୍, ଶିକାଗୋ (Chicago), ଡେଲାସ୍ (Dellas), ସାଉଥ୍ ଭର୍ଜିନିୟା (South Virginia), ହାଉଷ୍ଟନ୍ (Houston) ଇତ୍ୟାଦି ।

ଦଫ୍‌ତର୍ ଅତ୍‌ଫାଲର ଜମାଅତମାନଙ୍କ ମଧ୍ୟରେ ସିୟାଟେଲ୍ (Seattle), ଫିଲାଡଲଫିଆ, ନର୍ଥ ଭର୍ଜିନିୟା (North Virginia), ଜର୍ଜିୟା (Georgea), କେରୋଲାଏନା, ଶିକାଗୋ (Chicago), ଏଷ୍ଟନ୍ (Aston), ଡେଲାସ୍ (Dellas), ଓଶ୍‌କଶ (Oshkosh), ଡେଟ୍ରଏଟ୍ (Detroit) ଇତ୍ୟାଦି ।

ଅଲ୍ଲାଃତାଲାଙ୍କ କୃପାରୁ ପାକିସ୍ତାନ ମଧ୍ୟ ନିଜ ଦୃଷ୍ଟିରୁ ଖୁବ୍ ପରିଶ୍ରମ କରିଛି ଏବଂ ବଳିଦାନ ଦେଇଛି । ଅତଏବ୍ ପାକିସ୍ତାନ୍‌ରେ ଯେଉଁ ଜମାଅତ୍ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ହେଲେ ଲାହୋର୍, ରବ୍‌ୱା, କରାଚୀ । ପାକିସ୍ତାନ୍‌ର ଜିଲ୍ଲାମାନଙ୍କ ଦୃଷ୍ଟିରୁ ଯେଉଁ ଜିଲ୍ଲାଗୁଡ଼ିକ ସର୍ବାଗ୍ରେ ରହିଛନ୍ତି ସେମାନେ ହେଲ ଇସ୍‌ଲାମାବାଦ୍, ସିୟାଲକୋଟ୍, ଫୈସ୍‌ଲାବାଦ୍, ଗୁଜ୍ରାଟ, ଗୁଜ୍‌ରାନାୱାଲା, ସର୍ଗୋଧା, ଉମର୍‌କୋଟ୍, ମୁଲ୍‌ତାନ୍, ହାଇଦ୍ରାବାଦ୍, ମୀରପୁର୍ ଖାସ୍ ଇତ୍ୟାଦି ।

ପାକିସ୍ତାନର ଶୀର୍ଷ 10ଟି ଜମାଅତ୍‌ମାନେ ହେଲେ- ଟାଉନ୍ ଶିପ୍ (ଲାହୋର), ଦାରୁଲ୍ ଜିକର୍ (ଲାହୋର), ଅଜିଜାବାଦ୍ (କରାଚୀ), ଅଲ୍ଲାମା ଇକ୍‌ବାଲ୍ ଟାଉନ୍ (ଲାହୋର୍), ସମନା ବାଦ୍ (ଲାହୋର), ବୈତୁଲ୍ ଫଜଲ୍ (ଫୈସଲାବାଦ), ମୁଲ୍‌ତାନ୍ ସହର, ଦିଲ୍ଲୀ ଗେଟ୍ (ଲାହୋର), ଗୁଜ୍‌ରାନାୱାଲା। ଦଫ୍‌ତର୍ ଅତ୍‌ଫାଲ୍‌ର ତିନୋଟି ବଡ଼ ଜମାଅତ୍ ରହିଛନ୍ତି ତନ୍ମଧ୍ୟରେ ପ୍ରଥମରେ ଲାହୋର, ଦ୍ୱିତୀୟରେ, ରବ୍‌ୱା, ତୃତୀୟରେ କରାଚୀ । ଦଫ୍‌ତର୍ ଅତ୍‌ଫାଲ୍‌ରେ ଜିଲ୍ଲାମାନଙ୍କର ଅବସ୍ଥିତି ଦୃଷ୍ଟିରୁ ପ୍ରଥମ ସ୍ଥାନରେ ଇସ୍‌ଲାମବାଦ୍ ରହିଛି, ପୁନଶ୍ଚ ସିୟାଲକୋଟ୍, ନାରୋୱାଲ୍, ଉମର୍‌କୋଟ୍, ରାୱଲ୍‌ପିଣ୍ଡି, ଗୁଜ୍‌ରାନାୱାଲା, ମୀରପୁର୍ ଖାସ୍, ଗୁଜ୍ରାଟ, ହାଇଦ୍ରାବାଦ୍, ଶେଖୁପୁରା ଇତ୍ୟାଦି । ହୁଜୁର ଅନୱର୍ ଅ.ବ କହିଲେ, ସେହିପରି କେତେକ ଅସାଧାରଣ ଉଦ୍ୟମକାରୀ ମଜାଲିସ ଜମାଅତଗୁଡ଼ିକ ମଧ୍ୟ ରହିଛନ୍ତି ।

ଭାରତର ୧୦ଟି ପ୍ରଦେଶ ହେଲେ; କେରଳ, ତାମିଲନାଡୁ, ଜାମ୍ମୁକାଶ୍ମୀର, କର୍ଣ୍ଣାଟକ, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଆଦି ପ୍ରଦେଶ । ଆଦାୟ ଦୃଷ୍ଟିରୁ ଭାରତର ପ୍ରଥମ ଦଶଟି ସ୍ଥାନ ଅଧିକାର କରିଥିବା ଜମାଅତ୍‌ମାନେ ହେଲେ; କୋୟମ୍ବଟୁର, କାଦିୟାନ୍, ହାଇଦ୍ରାବାଦ୍, କାଲିକଟ୍, ମଞ୍ଜେରୀ, ବାଙ୍ଗାଲୋର, ମେଲାପାଲାଏମ୍, କଲିକତା, କେରଙ୍ଗ୍ ଓ କେରୁଲାଇ ।

ଅଷ୍ଟ୍ରେଲିୟାର ଯେଉଁ ଦଶଟି ବଡ଼ ଜମାଅତ୍ ରହିଛନ୍ତି ତନ୍ମଧ୍ୟରେ ପ୍ରମୁଖ ଜମାଅତ୍‌ମାନେ ହେଲେ, କାସିଲ୍ ହିଲ୍ (Castle Hill), ମେଲବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin), ମାର୍ସଡେନ୍ ପାର୍କ (Marsden Park), ମେଲ୍‌ବର୍ଣ୍ଣ କ୍ଲାଇଡ଼ (Melbourne Clyde), ଲୋଗାନ୍ ଇଷ୍ଟ (Logan East), ମେଲ୍‌ବର୍ଣ୍ଣ ବେରୱିକ୍ (Melbourne Berwick), ପେନ୍‌ରିଥ୍ (Penrith), ପର୍ଥ (Perth), ଏଡ଼ିଲେଡ଼୍ ୱେଷ୍ଟ (Adelaide West), ଏଡ଼ିଲେଡ୍ ସାଉଥ୍ ଇତ୍ୟାଦି ।

ଅଷ୍ଟ୍ରେଲିୟାର ବଡ଼ ବଡ଼ ଜମାଅତମାନେ ହେଲେ- କାସିଲ୍ ହିଲ୍ (Castle Hill), ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin), ମାର୍ସଡେନ୍ ପାର୍କ (Marsden Park), ଲୋଗାନ୍ ଇଷ୍ଟ (Logan East), ମେଲ୍‌ବର୍ଣ୍ଣ ବେରୱିକ୍ (Melbourne Berwick), ମେଲ୍‌ବର୍ଣ୍ଣ କ୍ଲାଇଡ଼ (Melbourne Clyde), ପେନ୍‌ରିଥ୍ (Penrith), ଏଡ଼ିଲେଡ୍ ୱେଷ୍ଟ (Adelaide West), ବ୍ଲାକ୍ ଟାଉନ୍ ଇତ୍ୟାଦି । ଅଷ୍ଟ୍ରେଲିୟାର ଛୋଟ ଜମାଅତ୍‌ମାନେ ହେଲେ-ପର୍ଥ, ପ୍ଲାମ୍ପଟନ୍, ଏଡ଼ିଲେଡ଼ ସାଉଥ୍, ମେଲବର୍ଣ୍ଣ କ୍ଲାଇଡ୍, ପେନରିଥ, ମେଲବର୍ଣ୍ଣ ୱେଷ୍ଟ, ମାର୍ସଡେନ୍ ପାର୍କ, ବ୍ରିସବେନ ସେଣ୍ଟ୍ରାଲ୍, ମେଲ୍‌ବର୍ଣ୍ଣ ବେରୱିକ୍

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । ଆମିନ୍ । ସେହିପରି ଆପଣମାନେ ଏହି ଦୁଆ ମଧ୍ୟ କରନ୍ତୁ ଯେ, ଉକ୍ତ 2025ର ବର୍ଷ ଜମାଅତ୍ ନିମନ୍ତେ କଲ୍ୟାଣର ବର୍ଷ ସାବ୍ୟସ୍ତ ହେଉ । ଅଲ୍ଲାଃତାଲା ପ୍ରତ୍ୟେକ ଉପଦ୍ରବରୁ ଜମାଅତ୍‌କୁ ସୁରକ୍ଷିତ ରଖନ୍ତୁ । **ଆମିନ୍ ।**

ପାକିସ୍ତାନ୍‌ର ଯେଉଁ ଚରମପନ୍ଥୀ ଗୋଷ୍ଠୀମାନେ ରହିଛନ୍ତି ସେମାନେ ବେଳେବେଳେ ହଂସକ ହୋଇ ଉଠନ୍ତି । କେତେବେଳେ ଜମାଅତର ବିରୋଧ ପ୍ରଦର୍ଶନ କରନ୍ତି ତ' ଆଉ କେତେକ ସ୍ଥାନରେ ଆଇନ ଆଳରେ ପ୍ରତ୍ୟେକ ପ୍ରକାରର ଅତ୍ୟାଚାର କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି । ଅତଏବ୍ ପାକିସ୍ତାନରେ ନା ଅହେମଦିମାନେ ସୁରକ୍ଷିତ ଅଛନ୍ତି, ନା ଅହେମଦିମାନଙ୍କର କବର ସ୍ଥାନଗୁଡ଼ିକ ସୁରକ୍ଷିତ ଅଛି ଓ ନା ହିଁ ଅହେମଦିମାନଙ୍କର ଘରଗୁଡ଼ିକ ସୁରକ୍ଷିତ ଅଛି । ଅଲ୍ଲାଃତାଲା ସେହି ଅତ୍ୟାଚୋରୀମାନଙ୍କର ଧରପକଡ଼ ପାଇଁ ଯଥା ଶୀଘ୍ର ବ୍ୟବସ୍ଥା କରନ୍ତୁ । ଅହେମଦିମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟ ରଖନ୍ତୁ । ରବ୍‌ୱାରେ ମଧ୍ୟ ସେମାନଙ୍କର କୁଦୃଷ୍ଟି ରହିଛି । ତେଣୁ ରବୱାର ସୁରକ୍ଷା ମଧ୍ୟ ଅଲ୍ଲାଃତାଲା କରୁ ଥାଆନ୍ତୁ । **ଆମିନ୍।**

ହୁଜୁର ଅନୱର୍ ଅ.ବ କହିଲେ, ଯେପରିକି ମୁଁ ଜମାଅତର ସଦସ୍ୟବୃନ୍ଦଙ୍କର ଧ୍ୟାନ ଆକର୍ଷଣ କରିଥିଲି ଯେ, ଆପଣମାନେ ଦୁରୁଦ୍ ଶରୀଫ୍ ଏବଂ କେତେକ ଦୁଆ ପାଠ କରନ୍ତୁ । ଅତଏବ୍ ଆପଣମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ । ପୃଥିବୀରେ ବାସ କରୁଥିବା ପ୍ରତ୍ୟେକ ଅହେମଦି ଏବଂ ପାକିସ୍ତାନର ଅହେମଦିମାନେ ମଧ୍ୟ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାଂଲାଦେଶର ଅହେମଦମାନଙ୍କ ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଚରମପନ୍ଥୀମାନଙ୍କ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ ଏବଂ ସିରୀୟାରେ ମଧ୍ୟ ବର୍ତ୍ତମାନ ନୂତନ ସରକାର ସ୍ଥାପିତ ହୋଇଛି। ଅଲ୍ଲାଃତାଲା ସେଠାକାର ଅହେମଦିମାନଙ୍କୁ ପ୍ରତ୍ୟେକ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ ଏବଂ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ସେହିପରି ଅନ୍ୟ ରାଷ୍ଟ୍ରମାନେ ରହିଛନ୍ତି, ଆଫ୍ରିକାର ଦେଶ ରହିଛନ୍ତି । ଅଲ୍ଲାଃତାଲା ଅହେମଦିମାନଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । **ଆମିନ୍** । ପ୍ରତ୍ୟେକ ଅହେମଦିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ନିଜ ନିମନ୍ତେ ଓ ଅନ୍ୟ ଅହେମଦିମାନଙ୍କ ନିମନ୍ତେ ବିଶେଷ ଦୁଆ କରୁ । ପ୍ରତ୍ୟେକ ଅହେମଦି ବ୍ୟକ୍ତି ପ୍ରଥମେ ନିଜ ଦେଶ ନିମନ୍ତେ ଦୁଆ କରୁ ଓ ପରେ ପାକିସ୍ତାନ ନିମନ୍ତେ ମଧ୍ୟ ଦୁଆ କରୁ ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 27 February 2025 Issue No. 09

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ହୁଜୁର ଅନୱର୍ ଅ.ବ କହିଲେ, ସଂସାରର ସାମୂହିତ ପରିସ୍ଥିତି, ଯୁଦ୍ଧାବସ୍ଥା ନିମନ୍ତେ ଦୁଆ କରନ୍ତୁ । ଅଲ୍ଲାଃତାଲା ଯୁଦ୍ଧର କୁପ୍ରଭାବରୁ ପ୍ରତ୍ୟେକ ନିରୀହ ଏବଂ ନିଷ୍ପେଷିତମାନଙ୍କୁ ସୁରକ୍ଷିତ ରଖନ୍ତୁ । ନୂତନ ବର୍ଷ ଅବସରରେ ଲୋକମାନେ ମହାସୁଅରେ ଆନନ୍ଦ ଓ ଉଲ୍ଲାସ ପର୍ବ ପାଳନ କରନ୍ତି । ବହୁତ ଆତଶବାଜୀ ହୋଇଥାଏ। ଫୁଲଝଡ଼ି ଜାଳନ୍ତି । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ନିଜର ଆନନ୍ଦକୁ ଅବଲୋକନ କରିଥାଏ । ଅନ୍ୟମାନଙ୍କର ଦୁଃଖ ଓ ବେଦନାକୁ ଅନୁଭବ ପ୍ରତି କୌଣସି ଚିନ୍ତା ନାହିଁ । ଅଭାବି ତଥା ଦରିଦ୍ର ଲୋକମାନେ ଅଛନ୍ତି ତଥା ଜାତି ରହିଛନ୍ତି, ନିଷ୍ପେଷିତ ଲୋକମାନେ ରହିଛନ୍ତି ସେମାନଙ୍କ ଉପରେ ଶକ୍ତିଶାଳୀ ରାଷ୍ଟ୍ର ଅତ୍ୟାଚାର କରି ଚାଲିଛନ୍ତି । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ଆମେମାନେ ସଂସାରଲୋକରେ ସ୍ଥାପନ ହେଉଥିବାର ସ୍ୱଚକ୍ଷୁରେ ଅବଲୋକନ କରି । **ଆମିନ୍** । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 24 ଜାନୁୟାରୀ 2025 ମସିହା, ପୃ-1-8)**

☆☆☆ ☆☆☆

## ପୃ-2ରେ ବର୍ଣ୍ଣିତ ଜଲ୍‌ସା ସାଲାନ ସଂପର୍କିତ ରିପୋର୍ଟର ଅବଶିଷ୍ଟାଂଶ....

କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ପ୍ରସାରଣ କରାଯାଉଥିଲା । ତହିଁରୁ କେବଳ ଭାରତବର୍ଷର ଜମାଅତ୍‌ମାନେ ସଂପୂର୍ଣ୍ଣ ରୂପେ ଉପକୃତ ହେଉ ନଥିଲେ ବରଂ ବିଦେଶରେ ଥିବା ଜମାଅତ୍‌ର ସଦସ୍ୟବୃନ୍ଦମାନେ ମଧ୍ୟ ଜଲ୍‌ସାର କାର୍ଯ୍ୟକ୍ରମ ଦେଖି ଉପକୃତ ହେଲେ । ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଉର୍ଦ୍ଦୁରୁ 52,000, ମାଲିୟାଲମ୍‌ରୁ 5700, ତାମିଲ୍‌ରୁ 3000, ବାଂଲାରୁ 517 ଏବଂ ରଷୀୟ ଭାଷାରୁ 766 ଜଣ ସଦସ୍ୟ ଉପକୃତ ହେଲେ ।

### ଶୋବା ଖିଦମତେ ଖଲକ୍

ଜଲ୍‌ସା ସାଲାନାର ଏକ ପ୍ରମୁଖ ବିଭାଗ ହେଲା "ଶୋବା ଖିଦ୍‌ମତେ ଖଲ୍‌କ୍"ମଧ୍ୟ ରହିଛି । ମୌଳିକ ରୂପେ ଉକ୍ତ ବିଭାଗ ଅଧୀନ ଶୃଙ୍ଖଳା ଓ ସୁରକ୍ଷା ଡ୍ୟୁଟି କାର୍ଯ୍ୟ ସମ୍ପାଦନ କରାଯାଇଥାଏ । ଚଳିତ ବର୍ଷ ଭାରତର ବିଭିନ୍ନ ପ୍ରଦେଶର ମଜାଲିସ୍‌ରୁ 460 ଜଣ ଖୁଦ୍ଦାମ୍ ସ୍ୱେଚ୍ଛାସେବୀମାନଙ୍କୁ ଶୋବା ଖିଦ୍‌ମତେ ଖଲ୍‌କ ଅଧୀନ ସେବା କରିବା ନିମନ୍ତେ କାଦିୟାନ୍ ଆସିଥିଲେ । କାଦିୟାନ୍‌ର ଅଳ୍ପ ବହୁତେ 230 ଜଣ ଖୁଦ୍ଦାମ୍‌ମାନେ ଉକ୍ତ ବିଭାଗ ଅଧୀନ ଡ୍ୟୁଟି କାର୍ଯ୍ୟ ସମ୍ପାଦନ କରିଥିଲେ । ଏତଦ୍‌ଭିନ୍ନ ଅନ୍‌ସାରମାନଙ୍କର ସଫେ ଦୋଅମ୍‌ର ଏକ ଦଳ ଏବଂ ଲଜନା ଇମାଇଲ୍ଲାଃର ଏକ ଟିମ୍ ମଧ୍ୟ ଶୋବା ଖିଦ୍‌ମତେ ଖଲକ୍ ଅଧୀନ ସେବା ସମ୍ପାଦନ କରୁଥିଲେ । ଶୋବା ରେଜିଷ୍ଟ୍ରେସନ୍ ଅଧୀନ ଦେଶ ଓ ବିଦେଶରୁ ଆଗତ ସମସ୍ତ ଅତିଥିମାନଙ୍କର ପଞ୍ଜିକରଣ କରାଗଲା ଏବଂ ସେମାନଙ୍କୁ ଜଲ୍‌ସାର ପଞ୍ଜିକରଣ କାର୍ଡ଼ ଉପଲବ୍ଧ (ପ୍ରଦାନ) କରାଗଲା । ଦାରୁଲ୍ ମସିହ୍, ବହିଶ୍‌ତି ମକ୍‌ବରାହ୍ ଏବଂ ଜଲ୍‌ସା ଗାହ୍‌ରେ ଉକ୍ତ ବିଭାଗ ଅଧୀନ ପ୍ରତ୍ୟେକ ପ୍ରବେଶକାରୀଙ୍କୁ ଚେକିଂ କରାଯିବାର ବ୍ୟବସ୍ଥା କରାଗଲା । ସେହିପରି ମସ୍‌ଜିଦ୍‌ରେ ଧାଡ଼ି କରିବା, ସଡ଼କ ଏବଂ ଗଳିରେ ଟ୍ରାଫିକ ଏବଂ ପାର୍କିଂର ବ୍ୟବସ୍ଥା, ଜଲ୍‌ସା ଗାହ୍‌ରେ ଅତିଥିମାନଙ୍କୁ ଜଳପାନ କରାଇବାର ବ୍ୟବସ୍ଥା, ରହଣୀ ସ୍ଥାନମାନଙ୍କରେ ଏବଂ କାଦିୟାନ୍‌ର ପ୍ରବେଶ ପଥରେ 24 ଘଣ୍ଟିଆ ସୁରକ୍ଷା ଡ୍ୟୁଟି ଉକ୍ତ ବିଭାଗ ଅଧୀନ ଖୁଦ୍ଦାମ୍‌ମାନେ ସମ୍ପାଦନ କରିଥାଆନ୍ତି। ସେହିପରି ହେଲ୍‌ପ୍ ଡେସ୍କ, ଲଷ୍ଟ୍ ଆଣ୍ଡ୍ ଫାଉଣ୍ଡ୍, ସୂଚନା, ଏଲାନାତ୍, ଫାର୍ଷ୍ଟ ଏଡ୍ ଇତ୍ୟାଦି ଅଧିନସ୍ତ ବିଭାଗଗୁଡ଼ିକ ମଧ୍ୟ ଖୁଦ୍ଦାମ୍‌ମାନେ ଡ୍ୟୁଟି ସମ୍ପାଦନ କଲେ । ଲିୱାଏ ଅହେମଦିୟତ୍‌କୁ (ଅହେମଦିୟା ଧ୍ୱଜା) ଅତ୍ୟନ୍ତ ଶିଷ୍ଟ ଶୈଳୀରେ ନିର୍ଦ୍ଦେଶିତ ମାର୍ଗଦର୍ଶିକା ଏବଂ ନିୟମାନୁବର୍ତ୍ତୀ ପ୍ରଥା ସହିତ ଖୁଦ୍ଦାମମାନଙ୍କର ସୁରକ୍ଷା ଡ୍ୟୁଟି ସହିତ ଜଲ୍‌ସା ସାଲାନାର ତ୍ରିଦିବସୀୟ ଜଲ୍‌ସା ଗାହ୍ ଠାକୁ ନିଆଯାଉଥିଲା ଏବଂ ପୁନଶ୍ଚ ଫେରାଇ ଅଣାଯାଉଥିଲା । ଉକ୍ତ ସେବା ମଧ୍ୟ ଶୋବା ଖିଦ୍‌ମତେ ଖଲ୍‌କ୍ ଅଧିନ ସମ୍ପାଦନ କରି ଦିଆଗଲା ।

### "اِسۡمَعُوۡا صَوۡتَ السَّمَآءِ جَآءَ الۡمَسِیۡحُ جَآءَ الۡمَسِیۡحُ" ବିଷୟବସ୍ତୁକୁ କେନ୍ଦ୍ର କରି M.T.A କାଦିୟାନ୍ ଷ୍ଟୁଡ଼ିଓରୁ ସିଧା ସଳଖ ଆରବୀ ଭାଷାରେ କାର୍ଯ୍ୟକ୍ରମର ପ୍ରସାରଣ

ଜଲ୍‌ସା ସାଲାନା କାଦିୟାନରୁ ଉପକୃତ ହେବା ସଙ୍ଗେସଙ୍ଗେ କାଦିୟାନ୍ ଦାରୁଲ୍ ଅମାନ୍‌ରୁ ଆରବୀ ଭାଷାରେ ଲାଇଭ୍ କାର୍ଯ୍ୟକ୍ରମ "اِسۡمَعُوۡا صَوۡتَ السَّمَآءِ جَآءَ الۡمَسِیۡحُ جَآءَ الۡمَسِیۡحُ"ର ପ୍ରସାରଣ ତା-19-21 ଡିସେମ୍ବର 2024 ମସିହା ଗୁରୁବାର, ଶୁକ୍ରବାର ଓ ଶନିବାର ଦିନ ପ୍ରସାରିତ ହେଲା । କାର୍ଯ୍ୟକ୍ରମ ଭାରତୀୟ ସମୟାନୁସାରେ ରାତ୍ର 10.30ଟାରେ ହେଉଥିଲା । ନିମ୍ନ ଲିଖିତ ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କଲେ । ସମ୍ମାନନୀୟ ମୁହମ୍ମଦ୍ ଶରୀଫ୍ ଓହ୍‌ଦେ ସାହେବ, ଅମୀର୍ ଜମାଅତ୍ ଅହେମଦିୟା କବାବିର୍ ଅତିଥି ରୂପେ, ସମ୍ମାନନୀୟ ମୁହମ୍ମଦ୍ ତାହିର୍ ନଦିମ୍ ସାହେବ ଆରବୀ ଇନ୍‌ଚାର୍ଜ୍ ଡେସ୍କ୍ ଲଣ୍ଡନ୍, ପାଲେଷ୍ଟାଇନ୍‌ର ସଦର୍ ଜମାଅତ୍ ସମ୍ମାନନୀୟ ଅବ୍‌ଦୁଲ୍ କାଦିର୍ ମୁଦଲ୍ଲଲ୍ ସାହେବ ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ "ହମଦର୍ଦୀୟ ଖଲ୍‌କ୍" (ମାନବଜାତି ପ୍ରତି ସହାନୁଭୂତି) ବିଷୟବସ୍ତୁ ଉପରେ କଥୋପକଥନ ହେଲେ । ବିଦ୍ୱାନ୍‌ମାନେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ ଆ.ସଙ୍କ ମାନବ ଜାତି ପ୍ରତି ଥିବା ସେବାର ପ୍ରାମାଣ୍ୟ ଉପସ୍ଥାପିତ କଲେ ଏବଂ ହୁଜୁର ଅ.ସଙ୍କ ଏଥି ସଂକ୍ରାନ୍ତରେ ଯେଉଁ ଆଦର୍ଶ ତଥା ଉଦାହରଣ ରହିଥିଲା ତାହାକୁ ବିଦ୍ୱାନ୍‌ମାନେ ଉତ୍ତମ ଢଙ୍ଗରେ ଉପସ୍ଥାପିତ କଲେ ।

☆☆☆

## ବିଗତ ସଂଖ୍ୟା 06 ଓ ପୃ-12ରେ ବର୍ଣ୍ଣିତ ଜଲ୍‌ସା ସାଲାନ ସଂପର୍କିତ ରିପୋର୍ଟର ଅବଶିଷ୍ଟାଂଶ....

ଏତଦ୍‌ପରେ ହୁଜୁର ଅନ୍‌ୱର୍ ଅ.ବ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିଭିନ୍ନ କଥନ ଏବଂ ଆଲେଖ୍ୟ ଉପସ୍ଥାପିତ କଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ସର୍ବଦା ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖୁଛି ଯେ, ଏହି ଆରବ୍ୟ ବାର୍ତ୍ତାବହ ଯାହାଙ୍କର ନାମ ମୁହମ୍ମଦ୍ ସ.ଅ ଅଟେ (ଉକ୍ତ ବାର୍ତ୍ତାବହ ଉପରେ ସହସ୍ର ସହସ୍ର ଦୁରୁଦ୍ ଓ ଶାନ୍ତି ଅବତୀର୍ଣ୍ଣ ହେଉ) । ଉକ୍ତ ଅବତାର କି ମର୍ଯ୍ୟାଦାବନ୍ତ ଅବତାର୍ ଅଟନ୍ତି ? ଏହି ମହାବତାରଙ୍କ ମର୍ଯ୍ୟାଦା ଅସୀମ ଅଟେ । ତାହାଙ୍କ (ଆଁହଜରତ ସ.ଅଙ୍କ) ମର୍ଯ୍ୟାଦା ଜ୍ଞାତ ହୋଇ ପାରିବ ନାହିଁ ଏବଂ ତାଙ୍କ ଐଶୀ ପ୍ରଭାବର ଆକଳନ କରିବା ମନୁଷ୍ୟର କାର୍ଯ୍ୟ ନୁହେଁ (ମନୁଷ୍ୟ ପକ୍ଷେ ଦୁରୂହ ବ୍ୟାପାର ଅଟେ)କି ମନୁଷ୍ୟ ପକ୍ଷେ ସହଜସାଧ୍ୟ ନୁହେଁ । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ ଚିହ୍ନିବାର ଯେପରି ଅଧିକାର ରହିଥିଲା ସେପରି ତାହାଙ୍କୁ ଚିହ୍ନାଗଲା ନାହିଁ । ଯେଉଁ ଏକେଶ୍ୱରବାଦ ଧରାପୃଷ୍ଠରୁ ହଜି ଯାଇଥିଲା ସେହି ପ୍ରତିଶୃତ ମସିହ୍ ହେଉଛନ୍ତି ସେହି ପହିଲ୍‌ମାନ (ମଲ୍ଲ, କୁସ୍ତି ଯୋଦ୍ଧା) ଯିଏ ସେହି ଏକେଶ୍ୱରବାଦକୁ ପୁନଃ ସଂସାରରେ ଫେରାଇ ଆଣିଥିଲେ । ସେ ଈଶ୍ୱରଙ୍କୁ ଅସୀମ ପ୍ରେମ କଲେ ଏବଂ ମାନବ ଜାତିଙ୍କ ପ୍ରତି ସହାନୁଭୂତିରେ ମଧ୍ୟ ନିଜର ପ୍ରାଣ ତ୍ୟାଗ କରିଦେଲେ । ତେଣୁ ଈଶ୍ୱର ଯେକି ସେହି ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ରହସ୍ୟ ପ୍ରତି (ସହିତ) ଅବଗତ ଥିଲେ ସେହି ମହାବତାର ହ. ମୁହମ୍ମଦ ସ.ଅଙ୍କୁ ସମସ୍ତ ଅବତାର ଏବଂ ସମସ୍ତ ପୂର୍ବାପର ସାଧୁ ସନ୍ଥଙ୍କ ବିପରୀତ ମର୍ଯ୍ୟାଦା ଓ ମାହାତ୍ମ୍ୟ ପ୍ରଦାନ କଲେ । ଈଶ୍ୱର ସେହି ମର୍ଯ୍ୟାଦା, ସେହି ମାହାତ୍ମ୍ୟ ହ. ମୁହମ୍ମଦ୍ ସ.ଅଙ୍କୁ ପ୍ରଦାନ କଲେ । ସେହି ମହାବତାର (ହ. ମୁହମ୍ମଦ୍ ସ.ଅ) ହିଁ ପ୍ରତ୍ୟେକ ପ୍ରକାରର ଲାଭ, ଯଶ ତଥା କଲ୍ୟାଣର ଉଦ୍‌ଗମ ସ୍ଥଳୀ ଅଟନ୍ତି । ତେଣୁ ଯେଉଁ ବ୍ୟକ୍ତି ତାହାଙ୍କ ଅର୍ଥାତ୍ ହ. ମୁହମ୍ମଦ୍ ସ.ଅଙ୍କ ଯଶ (କଲ୍ୟାଣ ଓ ଲାଭ) ବ୍ୟତୀରେକ ଅନ୍ୟ କୌଣସି ଶ୍ରେଷ୍ଠତା ଓ ମାହାତ୍ମ୍ୟତାର ଦାବି କରେ ତେବେ ସେହି ବ୍ୟକ୍ତି ମନୁଷ୍ୟ ନୁହେଁ ବରଂ ପିଶାଚ (ସୈତାନ୍)ର ସନ୍ତାନ ଅଟେ । କାରଣ ପ୍ରତ୍ୟେକ ପ୍ରକାରର ଶ୍ରେଷ୍ଠତାର କୁଞ୍ଜିକା ତାହାଙ୍କୁ (ହ. ମୁହମ୍ମଦ ସ.ଅଙ୍କୁ) ପ୍ରଦାନ କରାଯାଇଛି। ପ୍ରତ୍ୟେକ ପ୍ରକାରର ଅଧ୍ୟାତ୍ମ ପରିଚୟର ନିଧି ତାଙ୍କୁ ପ୍ରଦାନ କରାଯାଇଛି । ଯେଉଁ ବ୍ୟକ୍ତି ସେହି ମହାବତାରଙ୍କ ମାଧ୍ୟମରେ ଈଶ୍ୱରଙ୍କ କୃପା ନିଧିକୁ ପ୍ରାପ୍ତ କରେ ନାହିଁ ସେହି ବ୍ୟକ୍ତି ଅନାଦି କାଳରୁ ହିଁ ଈଶ୍ୱରଙ୍କ କୃପା ନିଧିରୁ ବଞ୍ଚିତ ଅଟେ । ଆମେମାନେ କ'ଣ ଅଟୁ କି ଓ ଆମମାନଙ୍କର ବାସ୍ତବତା କ'ଣ ? ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରିଦେଇ ନାହୁଁ ଯେ, ପ୍ରକୃତ ଏକେଶ୍ୱରବାଦ ଆମେମାନେ ସେହି ମହାବତାରଙ୍କ ମାଧ୍ୟମରେ ପ୍ରାପ୍ତ କରିଛୁ ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନକାରୀ ହେବୁ । ସେହିପରି ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ଦେଇ ନାହୁଁ ଯେ, ଚିରଞ୍ଜିବ ଈଶ୍ୱରଙ୍କୁ ଚିହ୍ନିବା ଆମେମାନେ ସେହି ସଂପୂର୍ଣ୍ଣ ଅବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ କରିଛୁ, ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନକାରୀ ହେବୁ । ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ଦେଇ ନାହୁଁ ଯେ, ଚିରଞ୍ଜିବ ଈଶ୍ୱରଙ୍କୁ ଚିହ୍ନିବାର ଉପାୟ ଆମେମାନେ ସେହି ମହାବତାରଙ୍କ ଐଶୀ ଆଲୋକ ମାଧ୍ୟମରେ ହିଁ ପ୍ରାପ୍ତ କରିଛୁ। ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ ତଥା କଥୋପକଥନର ସୌଭାଗ୍ୟ ଏବଂ ଈଶ୍ୱରଙ୍କ ଅପୂର୍ବ ମୁଖର ସୌନ୍ଦର୍ଯ୍ୟକୁ ଅବଲୋକନ କରିବାର ସାମର୍ଥ୍ୟ ମଧ୍ୟ ଆମେମାନେ ସେହି ମହାବତାର ମୁହମ୍ମଦ ସ.ଅଙ୍କ ମାଧ୍ୟମରେ ପ୍ରାପ୍ତ କରିଛୁ । ସେହି ମହାବତାର ସ.ଅଙ୍କ ମାଧ୍ୟମରେ ହିଁ ଈଶ୍ୱର ଆମମାନଙ୍କ ନିମନ୍ତେ ଉପଲବ୍ଧ ହେଲେ। ସେହି ମାର୍ଗଦର୍ଶୀ ସୂର୍ଯ୍ୟ ରଶ୍ମୀ ସୂର୍ଯ୍ୟାଲୋକ ପରି ଆମମାନଙ୍କ ଉପରେ ପଡ଼ିଥାଏ। ଯେପର୍ଯ୍ୟନ୍ତ ଆମେମାନେ ସେହି ମାର୍ଗଦର୍ଶୀ ମହାବତାରଙ୍କ ସହିତ ଛିଡ଼ା ହୋଇ ରହିଛେ ସେପର୍ଯ୍ୟନ୍ତ ଆମେମାନେ ସେହି ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହୋଇ ପାରିବା ।" **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-118-119)**

**ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ..........**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan